


Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR






## ରାହୁଲ ଗାନ୍ଧୀଙ୍କୁ ଅମିତ ଶାହଙ୍କ ଟାର୍ଗେଟ :

## ନକରାତ୍ମକ ରାଜନୀତି ଯୋଗୁ କଂଗ୍ରେସ ୩୦ ବର୍ଷ ଯାଏଁ ନିର୍ବାଚନ ଜିତିପାରିବ ନାହିଁ



ନୂଆଦିଲ୍ଲୀ,୨୨/୧୦:କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି। ଶାହ କହିଛନ୍ତି, ବିରୋଧ ପ୍ରଦର୍ଶନ ଓ ପ୍ରତିବାଦ କିଛି ହାସଲ କରେ ନାହିଁ, ରାଜନେତାମାନଙ୍କୁ ଜନକଲ୍ୟାଣ କାର୍ଯ୍ୟ ଉପରେ ଧ୍ୟାନ ଦେବା ଉଚିତ। ଦିଲ୍ଲୀ ବାହାରରେ ୮୯୪୧ କୋଟି ଟଙ୍କା ମୂଲ୍ୟର ୩୩ଟି ଦିଲ୍ଲୀ ଜଳ ବୋର୍ଡ ପ୍ରକଳ୍ପର ଶୁଭାରମ୍ଭ ଓ ଉଦଘାଟନ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶାହ କଂଗ୍ରେସ ଓ ଆମ୍ ଆଦମୀ ପାର୍ଟି (ଆପ୍)କୁ ତୀବ୍ର ଆକ୍ରମଣ କରିଛନ୍ତି। ବିରୋଧୀଙ୍କ ଭୋଟ ଚୋରି ଓ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ରେ ବିସଙ୍ଗତି ଅଭିଯୋଗକୁ ଶାହ ସମାଲୋଚନା କରି କହିଛନ୍ତି, ବିରୋଧୀ ଦଳଗୁଡ଼ିକ ଲୋକଙ୍କ ଜନାଦେଶକୁ ଚ୍ୟାଲେଞ୍ଜ କରିବା ପାଇଁ ରାଜନୈତିକ ଚଟଂକତା ଓ ଭିଡ଼ତନ୍ତ୍ର ବ୍ୟବହାର କରୁଛନ୍ତି। ଯଦି ନିର୍ବାଚନ ଜିତିବାକୁ ଚାହୁଁଛ ତେବେ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ବୁଝ। ତୁମେମାନେ ଯେଉଁଠି ନିର୍ବାଚିତ ହୋଇଛ, ସେଠାରେ ଲୋକମାନଙ୍କ କଲ୍ୟାଣ ପାଇଁ ଯୋଜନା କର, ନଚେତ୍ ସେଠାରୁ ମଧ୍ୟ ମୂଳପୋଛ ହୋଇଯିବ ବୋଲି କହିଛନ୍ତି। ଶାହ କହିଛନ୍ତି, ବିରୋଧୀ ଦଳ ବିଜେପି ଜିତିଲେ ଭୋଟ ଚୋରି ଅଭିଯୋଗ କରନ୍ତି, ଏହା କେବଳ ସେମାନଙ୍କ ପରାଜୟକୁ ଘୋଡ଼ାଇବା ପାଇଁ ବାହାନା। ବାସ୍ତବରେ ବିରୋଧୀ ଭୋଟ ଚୋରିର ଅଭିଯୋଗ ଆଣି ଅନୁପ୍ରବେଶକାରୀଙ୍କ ଭୋଟ ବଚାଂଇବାକୁ ଚାହୁଁଛନ୍ତି। ବିଭିନ୍ନ ରାଜ୍ୟରେ କଂଗ୍ରେସର ନିର୍ବାଚନୀ ପରାଜୟର ଉଦାହରଣ ଦେଇ କହିଛନ୍ତି ଯେ, ୨୦୧୪ରେ ବିଜେପି ଜାତୀୟ ସ୍ତରରେ କ୍ଷମତାକୁ ଆସିବା ପୂର୍ବରୁ ହିଁ ଭୋଟରମାନେ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଥିଲେ। କେରଳ, ହିମାଚଳ ପ୍ରଦେଶ ଓ ତେଲେଙ୍ଗାନାରେ କଂଗ୍ରେସର ବିଜୟକୁ ମଧ୍ୟ ଇଙ୍ଗିତ କରି କହିଛନ୍ତି ଯେ, ଯେତେବେଳେ ସେହି ଦଳଗୁଡ଼ିକ ଜିତିଥିଲେ ସେତେବେଳେ ସମାନ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ଓ ନିର୍ବାଚନ କମିସନ ଥିଲେ। ବିଜେପି ୩୦ ବର୍ଷ ପର୍ଯ୍ୟନ୍ତ କ୍ଷମତାରେ ରହିବ ବୋଲି ଭବିଷ୍ୟବାଣୀ କରି ଶାହ କହିଛନ୍ତି ଯେ, ବିରୋଧୀଙ୍କ ନକାରାତ୍ମକ ରାଜନୀତି ଏହାକୁ କ୍ଷମତାକୁ ଫେରିବାରୁ ବାଧା ଦେବ। ସେ କଂଗ୍ରେସ ଓ ଆପ୍‌କୁ ସେହି ରାଜ୍ୟଗୁଡ଼ିକରେ ଶାସନ ବ୍ୟବସ୍ଥାରେ ଉନ୍ନତି ଆଣିବା ଉପରେ ଧ୍ୟାନ ଦେବାକୁ ଆହ୍ୱାନ କରିଛନ୍ତି ଯେଉଁଠାରେ ସେମାନେ ଏବେବି କ୍ଷମତାରେ ଅଛନ୍ତି। ଦିଲ୍ଲୀରେ ପରିବେଶଗତ ସମସ୍ୟା ପାଇଁ ଶାହ କଂଗ୍ରେସ ଓ ଆପ୍ ସରକାରଙ୍କୁ ଦାୟୀ କରିଛନ୍ତି।

## ଖୁବ୍‌ଶୀଘ୍ର ଭାରତ-ଆମେରିକା ନୂଆ ବାଣିଜ୍ୟ ଚୁକ୍ତି : ଟ୍ରମ୍ପ



ୱାଶିଂଟନ,୨୨/୧୦: ଭାରତ ଓ ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ ଚୁକ୍ତି ଆଲୋଚନା ଶେଷ ପର୍ଯ୍ୟାୟରେ ପହଚିଂଥିବା ଜଣାପଡ଼ିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଭୟ ଦେଶ ଚୁକ୍ତିକୁ ଚୂଡ଼ାନ୍ତ ରୂପ ଦେବାର ନିକଟତର ହୋଇଥିବା ସୂଚନା ଦେଇଛନ୍ତି। ସେହିପରି ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଆଶା ପ୍ରକାଶ କରିଛନ୍ତି ଯେ, ଆଗାମୀ କିଛି ସପ୍ତାହ ମଧ୍ୟରେ ଏହି ଚୁକ୍ତି ସମ୍ପୂର୍ଣ୍ଣ ହୋଇପାରେ। ତେବେ ଚୁକ୍ତିର ଚୂଡ଼ାନ୍ତ ସର୍ତାବଳୀ ସମ୍ପର୍କିତ ବିବରଣୀ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଟ୍ରମ୍ପ କହିଛନ୍ତି, ଭାରତ ଚୁକ୍ତି କରିବାକୁ ଚାହୁଁଛି ଏବଂ ଉଭୟ ଦେଶ ଏହାକୁ ନେଇ ଆଗକୁ ବଢୁଛନ୍ତି। ଖୁବ୍‌ଶୀଘ୍ର ଚୁକ୍ତି ହେବ ବୋଲି ଆଶା ରହିଛି। ଏହି ଚୁକ୍ତି ପୂର୍ବରୁ ଆଲୋଚନା ହେଉଥିବା ଚୁକ୍ତିଠାରୁ ଭିନ୍ନ ହୋଇପାରେ ବୋଲି ମଧ୍ୟ ଟ୍ରମ୍ପ ସଙ୍କେତ ଦେଇଛନ୍ତି। ତେବେ ଏହାର ସ୍ୱରୂପ କିମ୍ବା ସମ୍ଭାବ୍ୟ ପରିବର୍ତ୍ତନ ସମ୍ପର୍କରେ ସେ ବିସ୍ତୃତ ସୂଚନା ଦେଇନାହାନ୍ତି।ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଏକ ସାକ୍ଷାତକାରରେ କହିଛନ୍ତି, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଆଗାମୀ କିଛି ସପ୍ତାହ ମଧ୍ୟରେ ଚୂଡ଼ାନ୍ତ ହୋଇପାରେ। ଆଲୋଚନାରେ ଏବେ କିଛି ବୈଷୟିକ ଦିଗ ଓ ସର୍ତ୍ତାବଳୀକୁ ନେଇ କାମ ବାକି ରହିଛି। ଚୁକ୍ତିରେ ବ୍ୟବହୃତ ପ୍ରତ୍ୟେକ ଶବ୍ଦ ଓ ସର୍ତ୍ତକୁ ଉଭୟ ଦେଶ ଉପଯୁକ୍ତ ଭାବେ ବୁଝିବା ଏବଂ ସେଥିରେ ସହମତ ହେବା ଜରୁରୀ ବୋଲି ସେ କହିଛନ୍ତି।

## ସିମ୍ରନଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ, କସ୍ତୁରୀ ଜିତିଲେ ରୌପ୍ୟ

ନାଗୋୟା,୨୨/୧୦: ଏସୀୟ ପାରା କ୍ରୀଡ଼ାରେ ଦୌଡ଼କୁଦରେ ଭାରତର ଦୃଷ୍ଟିବାଧିତ ଧାବିକା ସିମ୍ରମ ଶର୍ମା ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ବୁଧବାର ମହିଳା ୧୦୦ ମିଟର ଦୌଡ଼ ଟି-୧୨ ବର୍ଗରେ ସିମ୍ରନ ୧୨.୦୨ ସେକେଣ୍ଡରେ ଅତିକ୍ରମ କରି ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଚଳିତ ଏସୀୟ ପାରା କ୍ରୀଡ଼ାରେ ସିମ୍ରନଙ୍କ ଏହା ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ପୂର୍ବରୁ ସିମ୍ରନ ୨୦୦ ମିଟର ଦୌଡ଼ରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସିମ୍ରନ ୨୦୨୪ ପ୍ୟାରିସ ପାରାଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିଲେ।

## ଭିଜିଲାନ୍ସ ଜାଲରେ ସହକାରୀଯନ୍ତ୍ରୀ

ଯାଜପୁର,୨୨/୧୦(ନି/ପ୍ର):ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ସହକାରୀଯନ୍ତ୍ରୀଙ୍କ ଘର ଓ ଅଫିସ୍‌ରେ ଭିଜିଲାନ୍ସର ବଡ଼ ଧରଣର ଚଢ଼ାଉ। ଯାଜପୁର ଜିଲ୍ଲା ବଡ଼ଚଣା ଆର ଆଣ୍ଡ୍ ବି ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ (ଇରର) ତପନ ସେଠୀଙ୍କ ଜଡିତ ୭ଟି ସ୍ଥାନରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଉଛି। ତାଙ୍କର ଜଣାଶୁଣା ଆୟ ଉତ୍ସ ତୁଳନାରେ ଅଧିକ ସମ୍ପତ୍ତି ଥିବା ଅଭିଯୋଗର ତଦନ୍ତ ପାଇଁ ଏହି ଚଢ଼ାଉ ହେଉଥିବା ସୂଚନା ମିଳିଛି। କଟକ ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ଆଧାରରେ ଏହି ତଲାସୀ ଚାଲିଛି। ଏଥିରେ ୩ ଜଣ ଅତିରିକ୍ତ ଏସ୍‌ପି, ୬ ଜଣ ଡିଏସ୍‌ପି, ୩ ଜଣ ଇନ୍ସପେକ୍ଟରଙ୍କ ସମେତ ଅନ୍ୟାନ୍ୟ ସହାୟକ କର୍ମଚାରୀ ସାମିଲ ହୋଇଛନ୍ତି। ଅଧିକାରୀଙ୍କ ଘର, ସମ୍ପତି ଏବଂ କାର୍ଯ୍ୟାଳୟରେ ଯାଚଂ କରାଯାଉଛି।

## ୟୁକ୍ରେନର ବଡ଼ ନିଷ୍ପତି !

## ୭୫% ଅଚଂଳ ନେଇ ଶାନ୍ତି ଚୁକ୍ତି, ରୁଷ ପାଖରେ ୭୦୦ ମିସାଇଲ୍



ନୂଆଦିଲ୍ଲୀ, ୨୨।୧୦: ଦୀର୍ଘ ଦିନରୁ ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧକୁ ନେଇ ଏକ ବଡ଼ କୂଟନୈତିକ ସଙ୍କେତ ମିଳିଛି । ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଯୁଦ୍ଧ ବନ୍ଦ କରିବାକୁ ପ୍ରସ୍ତୁତ ଥିବା ସ୍ପଷ୍ଟ କରିଛନ୍ତି । ଏକ ଗଣମାଧ୍ୟମ ସାକ୍ଷାତକାରରେ ସେ କହିଛନ୍ତି ଯେ ଯୁଦ୍ଧର ବର୍ତ୍ତମାନର ସୀମା ବା ଫ୍ରଂଟ ଲାଇନକୁ ବଜାୟ ରଖିବାକୁ ସେ ରାଜି ଅଛନ୍ତି । ଅର୍ଥାତ୍ ରୁଷ ଯେତିକି ଅଚଂଳ ଦଖଲ କରିଛି, ସେତିକି ଅଚଂଳ ଛାଡ଼ିଦେବାକୁ ଏବଂ ବାକି ୭୫ ପ୍ରତିଶତ ଅଚଂଳକୁ ନେଇ ଶାନ୍ତି ବୁଝାମଣା କରିବାକୁ ସେ ପ୍ରସ୍ତୁତ ଅଛନ୍ତି । ଫକ୍ସ ନ୍ୟୁଜ୍‌କୁ ଦେଇଥିବା ସାକ୍ଷାତକାରରେ ଜେଲେନସ୍କିଙ୍କୁ ପଚରାଯାଇଥିଲା ଯେ, ଯଦି ସାମ୍ପ୍ରତିକ ପରିସ୍ଥିତିକୁ ଫ୍ରିଜ୍ କରି ଦିଆଯାଏ ଏବଂ ୟୁକ୍ରେନ ପାଖରେ ଏହାର ୭୫ ପ୍ରତିଶତ ବା ତାହାଠାରୁ ଅଧିକ ଅଚଂଳ ରୁହେ, ତେବେ କ'ଣ ସେ ଏଭଳି ଶାନ୍ତି ବୁଝାମଣା ଗ୍ରହଣ କରିବେ ? ଏହାର ଜବାବରେ ଜେଲେନସ୍କି 'ହଁ' ବୋଲି କହିଛନ୍ତି । ସେ ମତ ପ୍ରକାଶ କରିଛନ୍ତି ଯେ, ବର୍ତ୍ତମାନର ସ୍ଥିତିକୁ ସ୍ଥଗନ ବା ଫ୍ରିଜ୍ କରିବାର ଆବଶ୍ୟକତା ରହିଛି ଏବଂ ଏହି ଯୁଦ୍ଧକୁ ସମାପ୍ତ କରିବାର ଏହାହିଁ ପ୍ରକୃତ ପନ୍ଥା । ଏହାକୁ 'ସିଜ୍‌ଫାୟାର' ବା ଯୁଦ୍ଧବିରତି କୁହାଯାଏ । ଏଥିସହ ରୁଷରେ ଆମେରିକୀୟ ଦୂତ ଷ୍ଟିଭ୍ ଭିଟକଫ୍‌ଙ୍କ ସହ ହୋଇଥିବା ବୈଠକରୁ ସକରାତ୍ମକ ଫଳାଫଳ ମିଳିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । କୀଭ୍, ୱାଶିଂଟନ୍ ଏବଂ ମସ୍କୋର ନେତାମାନଙ୍କ ମଧ୍ୟରେ ଆଲୋଚନାକୁ ସେ ସମର୍ଥନ କରିଛନ୍ତି । ଅନ୍ୟପଟେ, ୟୁକ୍ରେନ ବିରୋଧରେ ଏକ ଦୀର୍ଘକାଳୀନ ଯୁଦ୍ଧ ପାଇଁ ରୁଷ ଜୋରଦାର ପ୍ରସ୍ତୁତି ଚଳାଇଛି । ରିପୋର୍ଟ ଅନୁଯାୟୀ, ରୁଷ ୟୁକ୍ରେନ ଉପରେ ଆକ୍ରମଣ କରିବା ପାଇଁ ପ୍ରାୟ ୭୦୦ ବାଲାଷ୍ଟିକ କ୍ଷେପଣାସ୍ତ୍ର ଏବଂ ୬,୦୦୦ରୁ ଅଧିକ ଆଟାକ୍ ଡ୍ରୋନ୍ ଏକାଠି କରିଛି । ମସ୍କୋ ପ୍ରତି ମାସରେ ପ୍ରାୟ ୧୦,୦୦୦ ଡ୍ରୋନ୍ ପ୍ରସ୍ତୁତ କରୁଛି ଏବଂ ୟୁକ୍ରେନର ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ଚକ୍‌ମା ଦେବା ପାଇଁ ନିଜର ଅସ୍ତ୍ରଶସ୍ତ୍ର ଭଣ୍ଡାରକୁ କ୍ରମାଗତ ଭାବେ ବଢ଼ାଉଛି । ଗତ ୨୪ରୁ ୪୮ ଘଟାଂ ମଧ୍ୟରେ ୟୁକ୍ରେନର ନିପ୍ରୋପେଟ୍ରୋଭସ୍କ ସମେତ ବିଭିନ୍ନ ଅଚଂଳରେ ରୁଷ କ୍ରମାଗତ ଭାବେ ଭୀଷଣ ବିମାନ ଆକ୍ରମଣ ଜାରି ରଖିଛି । ରୁଷର ଗାଇଡେଡ୍ ଏୟାର ବମ୍ ଏବଂ ଡ୍ରୋନ୍ ଆକ୍ରମଣ କାରଣରୁ ଡୁବନୋ ସହରର ଏପିସେଟଂର୍ ସପିଂ ସେଟଂର୍ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହୋଇଯାଇଛି ଏବଂ ସେଠାରେ ଭୟଙ୍କର ନିଆଁ ଲାଗିଯାଇଛି । ରୁଷୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି ଯେ ସେମାନେ ଡୁବନୋରେ ଥିବା ୟୁକ୍ରେନର ଏକ ଲଜିଷ୍ଟିକ୍ସ କେନ୍ଦ୍ରକୁ ଟାର୍ଗେଟ କରିଥିଲେ । ଏଥିସହିତ, ରୁଷର କ୍ରମାଗତ ଆକ୍ରମଣରେ ୟୁକ୍ରେନର ପ୍ରାୟ ୧୫ଟି ଶକ୍ତି ଉତ୍ସ ନଷ୍ଟ ହୋଇଯାଇଛି, ଯାହାଫଳରେ ବିଭିନ୍ନ ଅଚଂଳକୁ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି ।

## ସାଉଦି ଆରବ ଉପରେ ପୁଣି ହୁତିଙ୍କ ଆକ୍ରମଣ : ୩ ମୃତ

### ଜଣେ ଭାରତୀୟଙ୍କ ସମେତ ୧୦ ଆହତ



ରିୟାଦ,୨୨/୧୦: ହୁତିଙ୍କ ଆକ୍ରମଣ ପୁଣି ମଧ୍ୟପ୍ରାଚ୍ୟରେ ଆତଙ୍କ ସୃଷ୍ଟି କରିଛି। ପୂର୍ବ ସାଉଦି ଆରବର ଏକ ବିମାନବନ୍ଦର ଏବଂ ତୈଳ ବିଶୋଧନ କାରଖାନା ଉପରେ ହୋଇଥିବା ପୃଥକ ପୃଥକ ଆକ୍ରମଣରେ ତିନି ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଜଣେ ଭାରତୀୟଙ୍କ ସମେତ ୧୦ ଜଣ ଆହତ ହୋଇଛନ୍ତି। ବୁଧବାର-ଗୁରୁବାର ରାତିରେ ଦମ୍ମାମ ସହରର କିଙ୍ଗ୍ ଫାହଦ ଅନ୍ତର୍ଜାତୀୟ ବିମାନବନ୍ଦରରେ ହୋଇଥିବା ଆକ୍ରମଣରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ସାଉଦି ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ଏକ ବିବୃତିରେ କହିଛନ୍ତି ଯେ, ଆକ୍ରମଣରେ ଆଠ ଜଣ ଆହତ ହୋଇଛନ୍ତି। ଅଧିକାରୀମାନେ ବିମାନବନ୍ଦର ଉପରେ କିଏ ଆକ୍ରମଣ କରିଛି ତାହା କହି ନାହାନ୍ତି, କିନ୍ତୁ ୟେମେନର ହୁତି ବିଦ୍ରୋହୀମାନେ ସାଉଦି ଆରବର ବିମାନବନ୍ଦରକୁ ଗତ କିଛି ଦିନ ମଧ୍ୟରେ ଅନେକ ଥର ଟାର୍ଗେଟ କରିଛନ୍ତି। ତେଣୁ ଅନୁମାନ କରାଯାଉଛି ଏହା ହୁତିଙ୍କ କାଣ୍ଡ ହୋଇଥିବ।ଇରାନ ସମର୍ଥିତ ହୁତିମାନେ ଏହି ଆକ୍ରମଣ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ମନ୍ତବ୍ୟ ଦେଇନାହାନ୍ତି। ସାଉଦି ବିମାନ ଚଳାଚଳ କର୍ତୃପକ୍ଷ ଏକ ବିବୃତିରେ କହିଛନ୍ତି ଯେ ଆକ୍ରମଣରେ ଆହତ ହୋଇଥିବା ବ୍ୟକ୍ତିମାନେ ସାମାନ୍ୟରୁ ଗୁରୁତର ଆଘାତ ପାଇଛନ୍ତି ଏବଂ ବିମାନବନ୍ଦରର କ୍ଷୟକ୍ଷତିର ଆକଳନ କରାଯାଉଛି। ସେହିପରି ଅନ୍ୟ ଏକ ଆକ୍ରମଣରେ ସାଉଦି ଆରବର ଶକ୍ତି ମନ୍ତ୍ରଣାଳୟ କହିଛି ଯେ, ସାଉଦି ଆରାମକୋର ଶାୟବା ତୈଳ କ୍ଷେତ୍ରରେ ଏକ ଡ୍ରୋନ୍‌ର ଭଗ୍ନାବଶେଷ ଧକ୍କାରେ ଦୁଇଜଣଙ୍କର ମୃତ୍ୟୁ ଘଟିଛି ଏବଂ ଜଣେ ଭାରତୀୟଙ୍କ ସମେତ ଦୁଇଜଣ ଆହତ ହୋଇଛନ୍ତି। ମନ୍ତ୍ରଣାଳୟ କହିଛି, ମୃତକଙ୍କ ମଧ୍ୟରେ ଜଣେ ନେପାଳୀ ଏବଂ ଜଣେ ଫିଲିପାଇନ୍ ନାଗରିକ ଅଛନ୍ତି। ଆହତଙ୍କ ମଧ୍ୟରେ ଜଣେ ଭାରତୀୟ ଏବଂ ଜଣେ ପାକିସ୍ତାନୀ ନାଗରିକ ଅଛନ୍ତି।ଂମନ୍ତ୍ରଣାଳୟର ବିବୃତିରେ କୁହାଯାଇଛି, ଶୟବା ତୈଳ କ୍ଷେତ୍ରରେ ଭଗ୍ନାବଶେଷ ପଡ଼ିବା ଫଳରେ ଏକ ଠିକାଦାରଙ୍କ ଗାଡ଼ିରେ ନିଆଁ ଲାଗିଯାଇଥିଲା। ସାଉଦି ନେତୃତ୍ୱାଧୀନ ମେଟଂ ସାତୋଟି ଡ୍ରୋନ୍‌କୁ ଖସାଇ ଦେଇଥିବା ଦାବି କରିଛି। ମେଟଂ ମୁଖପାତ୍ର ମେଜର ଜେନେରାଲ ତୁର୍କି ଅଲ-ମାଲିକି ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି, ସାଉଦି ଆରବକୁ ଟାର୍ଗେଟ କରାଯାଇଥିବା ଚାରୋଟି ଡ୍ରୋନକୁ ଅଟକାଇ ନଷ୍ଟ କରାଯାଇଛି। ଦ୍ୱିତୀୟ ପୋଷ୍ଟରେ ସେ କହିଛନ୍ତି ଯେ ଏହି ଡ୍ରୋନ୍‌ଗୁଡ଼ିକୁ ସାଉଦି ଆରବର ପୂର୍ବ ପ୍ରଦେଶ ଏବଂ ମଦିନା ଅଚଂଳରେ ଅଟକାଯାଇଛି। ପୂର୍ବ ପ୍ରଦେଶରେ ଆଉ ଏକ ଡ୍ରୋନ୍‌କୁ ମଧ୍ୟ ଅଟକାଯାଇଥିଲା। ମେଟଂ କହିଛି ଦକ୍ଷିଣ ଅଚଂଳକୁ ଟାର୍ଗେଟ କରିଥିବା ଏକ ଷଷ୍ଠ ହୁତି ଡ୍ରୋନ ଏବଂ ପୂର୍ବ ପ୍ରଦେଶକୁ ଲକ୍ଷ୍ୟ କରି ଛଡ଼ାଯାଇଥିବା ଏକ ସପ୍ତମ ଡ୍ରୋନ୍‌କୁ ଅଟକାଯାଇଛି।

## ହର୍ମୁଜ୍‌ରେ ପୁଣି ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ:

## ୨୧ ଭାରତୀୟ ସୁରକ୍ଷିତ

ତେହେରାନ,୨୨/୧୦: ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରୁଥିବା ଏକ କୁଏତ ପତାକାଧାରୀ ତୈଳ ଟ୍ୟାଙ୍କର ଉପରେ କ୍ଷେପଣାସ୍ତ୍ର ମାଡ଼ ହୋଇଛି। ୟୁନାଇଟେଡ୍ କିଙ୍ଗଡମ୍ ମେରିଟାଇମ୍ ଟ୍ରେଡ୍ ଅପରେସନ୍ସ ଓମାନର ବୁଖାରୁ ପଶ୍ଚିମରେ ୧୧ ନଟିକାଲ ମାଇଲ୍ ଦୂରରେ ଏହି ଘଟଣାକୁ ଟ୍ରାକ୍ କରିଛି।ଏଥିରେ ଥିବା ୨୧ ଜଣ ଭାରତୀୟ ନାବିକ ଏବଂ ସମସ୍ତ କ୍ରୁ ସଦସ୍ୟ ସୁରକ୍ଷିତ ଥିବା ସୂଚନା ମିଳିଛି ବୋଲି ଭାରତର କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ନିଶ୍ଚିତ କରିଛନ୍ତି।ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏନେଇ ଏକ ପୋଷ୍ଟ ସେୟାର କରି ସୂଚନା ପ୍ରଦାନ କରି କହିଛନ୍ତି, ହର୍ମୁଜ ଦେଇ ଯାଉଥିବା ସମୟରେ ଏମ/ଟି ଅଲ୍ ଦାସମା ନାମକ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ ହୋଇଥିଲା। ଅଧିକାରୀମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି ଏବଂ କ୍ରୁଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଜାହାଜ ପରିଚାଳନା କମ୍ପାନି ସହିତ ଯୋଗାଯୋଗ କରୁଛନ୍ତି। ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ମଧ୍ୟରେ, ଭାରତ ବାଣିଜ୍ୟିକ ଜାହାଜ ଏବଂ ନାବିକମାନଙ୍କ ଉପରେ ଆକ୍ରମଣ ବିଷୟରେ ବାରମ୍ବାର ଚିନ୍ତା ପ୍ରକାଶ କରିଆସୁଛି। ସରକାର କହିଛନ୍ତି ଯେ, ଭାରତୀୟ ନାବିକମାନଙ୍କ ସୁରକ୍ଷା ଏବଂ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଜାହାଜ ପରିଚାଳନା କମ୍ପାନିଗୁଡ଼ିକ ସହିତ ଯୋଗାଯୋଗ କରାଯାଉଛି। ଭାରତ ସରକାର ଆନ୍ତର୍ଜାତୀୟ ଜଳପଥ ମାଧ୍ୟମରେ ସାମୁଦ୍ରିକ ବାଣିଜ୍ୟକୁ ନିରାପଦ ଏବଂ ନିରବଚ୍ଛିନ୍ନ ପରିଚାଳନାକୁ ସୁନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି।



## କେରଳମ୍‌ରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ଇଞ୍ଜିନ୍ ଲାଇନଚ୍ୟୁତ : ରେଳ ସେବା ବାଧାପ୍ରାପ୍ତ



ତିରୁବନନ୍ତପୁରମ,୨୨/୧୦: କେରଳମ୍‌ରେ ତିରୁବନନ୍ତପ ପରସାଲା ରେଳ ଷ୍ଟେସନ୍ ନିକଟରେ ବୁଧବାର ବିଳମ୍ବିତ ରାତିରେ ଭୂସ୍ଖଳନ ଘଟି ବିଳାସପୁର-ତିରୁନେଲଭେଲି ଏକ୍ସପ୍ରେସର ଇଞ୍ଜିନ୍ ଲାଇନଚ୍ୟୁତ ହୋଇଯାଇଛି। ଯାହା ଫଳରେ ଏହି ପଥରେ ଟ୍ରେନ୍ ସେବା ବାଧାପ୍ରାପ୍ତ ହୋଇଛି। ରେଳବାଇ ପକ୍ଷରୁ ଛଅଟି ଯାତ୍ରୀବାହୀ ଟ୍ରେନ୍ ବାତିଲ କରିଛି ଏବଂ ପ୍ରଭାବିତ ଏକ୍ସପ୍ରେସ୍ ଟ୍ରେନ୍‌ର ଯାତ୍ରାକୁ ଆଂଶିକ ଭାବରେ ବାତିଲ କରିଛି। ରେଳବାଇ ଅନୁଯାୟୀ, ଘଟଣା ରାତି ୨.୧୯ ମିନିଟରେ ଘଟିଥିଲା। ଟ୍ରେନ୍ ନମ୍ବର ୨୨୬୧୯ ବିଳାସପୁର-ତିରୁନେଲଭେଲି ଏକ୍ସପ୍ରେସ୍ ଭୂସ୍ଖଳନ ପରେ ପାର୍ସାଲା ନିକଟରେ ଅଟକି ଯାଇଥିଲା।ରେଳବାଇ କହିଛି ଯେ. ଟ୍ରେନ୍ ଅଟକିବା ପରେ ଏହାର ଇଞ୍ଜିନ୍ ଲାଇନଚ୍ୟୁତ ହୋଇଯାଇଥିଲା। ସମସ୍ତ ଯାତ୍ରୀ ଏବଂ ରେଳ କର୍ମଚାରୀ ସୁରକ୍ଷିତ ଅଛନ୍ତି ବୋଲି ଦକ୍ଷିଣ ରେଳବାଇ ଏକ ବିବୃତିରେ କହିଛି। ଟ୍ରେନ୍‌କୁ ଆଗକୁ ନେବା ପାଇଁ ତୁରନ୍ତ ଆଉ ଏକ ଇଞ୍ଜିନ୍‌ର ବ୍ୟବସ୍ଥା କରାଯାଇଥିଲା। ଏହା ସହିତ, ମରାମତି ଏବଂ ଟ୍ରେନ୍ ସେବା ପୁନଃଆରମ୍ଭ କରିବା ପାଇଁ କର୍ମଚାରୀ ଏବଂ ଆବଶ୍ୟକୀୟ ସାମଗ୍ରୀ ସହିତ ଏକ ଦୁର୍ଘଟଣା ରିଲିଫ୍ ଟ୍ରେନ୍ ଘଟଣାସ୍ଥଳକୁ ପଠାଯାଇଥିଲା। ଦକ୍ଷିଣ ରେଳବାଇ ଘୋଷଣା କରିଛି, ଅକ୍ଟୋବର ୨୦ ତାରିଖରେ ବିଳାସପୁରରୁ ଛାଡିଥିବା ବିଳାସପୁର-ତିରୁନେଲଭେଲି ଏକ୍ସପ୍ରେସ୍‌ର ଯାତ୍ରା ନେୟନ୍ତିଂକାରା ଷ୍ଟେସନରେ ଶେଷ ହେବ। ନେୟନ୍ତିଂକାରା ଏବଂ ତିରୁନେଲଭେଲି ମଧ୍ୟରେ ସେବା ଆଂଶିକ ଭାବରେ ବାତିଲ କରାଯାଇଛି। ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ନେବା ପାଇଁ ବସ୍ ବ୍ୟବସ୍ଥା କରାଯାଇଛି। ପାରସାଲା ରେଳ ଷ୍ଟେସନ ନିକଟରେ ମରାମତି କାର୍ଯ୍ୟ ଚାଲୁଥିବାରୁ ଗୁରୁବାର ପାଇଁ ନିର୍ଦ୍ଧାରିତ ଛଅଟି ଯାତ୍ରୀବାହୀ ଟ୍ରେନ୍ ସମ୍ପୂର୍ଣ୍ଣ ବାତିଲ କରାଯାଇଛି। ବାତିଲ ହୋଇଥିବା ଟ୍ରେନ୍ ଗୁଡ଼ିକ ମଧ୍ୟରେ ତିରୁବନନ୍ତପୁରମ୍ ନର୍ଥ-ନାଗେରକୋଇଲ୍ ଜଙ୍କସନ୍ ପାସେଞ୍ଜର, ନାଗେରକୋଇଲ୍ ଜଙ୍କସନ୍-କୋଲ୍ଲମ୍ ଜଙ୍କସନ୍ ପାସେଞ୍ଜର, ନାଗେରକୋଇଲ୍ ଜଙ୍କସନ୍-ଥିରୁବନନ୍ତପୁରମ୍ ନର୍ଥ ପାସେଞ୍ଜର, କୋଲାମ୍ ଜଙ୍କସନ୍-ନାଗେରକୋଇଲ୍ ଜଙ୍କସନ୍ ପାସେଞ୍ଜର ଏବଂ ତିରୁବନନ୍ତପୁରମ୍ ନର୍ଥ-ନାଗେରକୋଇଲ୍ ଜଙ୍କସନ୍ ପାସେଞ୍ଜର ରହିଛି। କନ୍ୟାକୁମାରୀ-ମଙ୍ଗାଲୁରୁ କେନ୍ଦ୍ରୀୟ ପରଶୁରାମ ଏକ୍ସପ୍ରେସ୍‌ର ମଧ୍ୟ ସମୟ ନିର୍ଘଟଂ ପରିବର୍ତ୍ତନ କରାଯାଇଛି। ଟ୍ରେନଟି କନ୍ୟାକୁମାରୀରୁ ସକାଳ ୩ଟା ୪୫ରେ ଛାଡିବାର ଥିଲା। ଟେନ୍ ତିନି ଘଟାଂ ୧୫ ମିନିଟ୍ ବିଳମ୍ବରେ ଚାଲୁଛି। ଦକ୍ଷିଣ ରେଳବାଇ ଟ୍ରେନ୍ ସେବା ସମ୍ପର୍କରେ ସଦ୍ୟତମ ସୂଚନା ପାଇଁ ଅସ୍ଥାୟୀ ଯୋଗାଯୋଗ ନମ୍ବର ଜାରି କରିଛି। ଏହି ଅଚଂଳରେ ଲଗାଣ ପ୍ରବଳ ବର୍ଷା ମଧ୍ୟରେ ଏହି ଘଟଣା ଘଟିଛି। ଭାରତୀୟ ପାଣିପାଗ ବିଭାଗ ବୁଧବାର ତିରୁବନନ୍ତପୁରମ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରି ପ୍ରବଳ ବର୍ଷା ହେବ ବୋଲି ଚେତାବନୀ ଦେଇଛି। ୟେଲୋ ଆଲର୍ଟ ଜାରି କରି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ଯେ, ୨୨ ରୁ ୨୫ ଅକ୍ଟୋବର ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ।

## କୋଟିଆର ସ୍ୱାର୍ଥ ପାଇଁ ଏକାଠି ହେବାକୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଆହ୍ୱାନ

ଭୁବନେଶ୍ୱର,୨୨/୧୦(ନି/ପ୍ର): କୋଟିଆର ସ୍ୱାର୍ଥ ପାଇଁ ଏକାଠି ହୋଇ ମିଳିତ ଭାବେ ସମାଧାନ କରିବାର ଆବଶ୍ୟକତା ରହିଛି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ ଧର୍ମେନ୍ଦ୍ର ପ୍ରଧାନ ଏକ ବାର୍ତ୍ତାରେ କହିଛନ୍ତି ଯେ, ଓଡ଼ିଶା ଏବଂ ଓଡ଼ିଆ ଜାତି ପାଇଁ କୋଟିଆ କେତେ ଗୁରୁତ୍ୱପୂର୍ଣ୍ଣ, ତାହା ଆମେ ସମସ୍ତେ ଜାଣିଛନ୍ତି । କୋଟିଆ ହେଉଛି ଓଡ଼ିଶାର ଅସ୍ମିତା, ସାର୍ବଭୌମତ୍ୱ ଓ ଅଖଣ୍ଡତାର ପରିଚୟ । ଓଡ଼ିଆ ଭାବେ କୋଟିଆକୁ ନେଇ ଦୀର୍ଘ ସମୟ ଧରି ଦେଖାଯାଇଥିବା ସୀମା ବିବାଦ ନିଶ୍ଚୟ ଭାବେ ଚିନ୍ତାଜନକ ।


**ଆବଶ୍ୟକ**

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

## ୧୦ ହଜାର ସହରାଂଚଳ ପରିବାର ପାଇଁ ଗୃହ ଯୋଜନାର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୨/୧୦(ନି/ପ୍ର): ସହରାଂଚଳର ଗରିବ, ଅସହାୟ ଓ ଅବହେଳିତ ବର୍ଗଙ୍କୁ ସୁଲଭ ଆବାସ ଯୋଗାଇଦେବା ସହ ସେମାନଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱରସ୍ଥିତ ଉନ୍ନତି ଭବନଠାରେ ଓଡ଼ିଶା ବାସଯୋଗ୍ୟ ଆବାସ ମିଶନର ତୃତୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସୁଲଭ ଆବାସ ଯୋଜନାର ଅଗ୍ରଗତି, ମିଶନ୍ ର ଆର୍ଥିକ ପରିଚାଳନା ଓ ବିଭିନ୍ନ ପ୍ରଶାସନିକ ପ୍ରସଙ୍ଗ ସମୀକ୍ଷା କରାଯାଇଥିଲା । ଗୃହ ନିର୍ମାଣ ଯୋଜନାକୁ କାଗଜପତ୍ରରେ ସୀମିତ ନରଖି ଶୀଘ୍ର କାର୍ଯ୍ୟକାରୀ କରିବା ସହ ଯୋଗ୍ୟ ପରିବାରଙ୍କୁ ନିର୍ଦ୍ଧାରିତ ସମୟରେ ଏହାର ସୁଫଳ ପହଂଚାଇବାକୁ ଶ୍ରୀମତୀ ପାଢ଼ୀ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୁଲଭ ଆବାସ ସହଭାଗିତା ଉପାଦାନ ଅଧୀନରେ ନଅଟି ସହରାଂଚଳ ସ୍ଥାନୀୟ ସଂସ୍ଥାର ୧୦ ହଜାର ପରିବାରଙ୍କ ପାଇଁ ଗୃହ ଯୋଜନା ପ୍ରସ୍ତୁତ ହୋଇସାରିଛି । ଏହି ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ପଦକ୍ଷେପ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଥିଲେ । ଯୋଜନାର ଲାଭ ଯେପରି ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଂଚ, ତାହା ସୁନିଶ୍ଚିତ କରିବା ଉପରେ ମଧ ସେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ୍ ଅଧୀନରେ ପ୍ରସ୍ତାବିତ ଯୋଜନା ଓ ବିଭିନ୍ନ କାର୍ଯ୍ୟକ୍ରମର ମାର୍ଗଦର୍ଶିକା ଶୀଘ୍ର ଚୂଡ଼ାନ୍ତ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ସହରାଂଚଳର ଅତ୍ୟନ୍ତ ଅସହାୟ ବର୍ଗଙ୍କ ଆବାସ ଓ ଜୀବନଧାରଣ ସମ୍ବନ୍ଧୀୟ ଆବଶ୍ୟକତାକୁ ଏହି ଯୋଜନାରେ ପ୍ରାଥମିକତା ଦେବାକୁ ସେ କହିଥିଲେ । ବିଶେଷକରି ନିରାଶ୍ରୟ ବ୍ୟକ୍ତି, ଭୂମିହୀନ ପରିବାର ଓ ବୟସ୍କ ନାଗରିକଙ୍କ ପାଇଁ ଲକ୍ଷ୍ୟଭିତିକ ଓ ଅନ୍ତର୍ଭୁକ୍ତିମୂଳକ ପଦକ୍ଷେପ ଗ୍ରହଣ ଉପରେ ଜୋର ଦିଆଯାଇଥିଲା । ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ରେ ସମାଜର ସର୍ବାଧିକ ଅବହେଳିତ ବର୍ଗଙ୍କ ହିତ ସାଧନ କରୁଥିବା କାର୍ଯ୍ୟକ୍ରମଗୁଡ଼ିକୁ ପ୍ରାଥମିକତା ଦେବାକୁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଥିଲେ । ଅନୁମୋଦିତ ଯୋଜନାର ସମୟୋଚିତ କାର୍ଯ୍ୟାନ୍ୱୟନ, ଉପଲବ୍ଧ ଆର୍ଥିକ ସମ୍ବଳର ସୁବିନିଯୋଗ ଏବଂ ଜନକେନ୍ଦ୍ରିକ କାର୍ଯ୍ୟପଦ୍ଧତି ମାଧ୍ୟମରେ ଲୋକଙ୍କ ଜୀବନରେ ଦୃଶ୍ୟମାନ ପରିବର୍ତ୍ତନ ଆଣିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ମିଶନ୍ ର ଆର୍ଥିକ ଓ ପ୍ରଶାସନିକ ପରିଚାଳନା ସମ୍ପର୍କିତ ବିଷୟଗୁଡ଼ିକ ମଧ ବିଚାର କରାଯାଇଥିଲା । ୨୦୨୫-୨୬ ଆର୍ଥିକ ବର୍ଷର ଅଡିଟ୍ ହୋଇଥିବା ଆର୍ଥିକ ବିବରଣୀ ଓ ବାର୍ଷିକ ରିପୋର୍ଟ ଗ୍ରହଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିସହ ୨୦୨୬-୨୭ ବର୍ଷର ବାର୍ଷିକ କାର୍ଯ୍ୟଯୋଜନା ଓ ବଜେଟ୍ ଆକଳନକୁ କମିଟି ଅନୁମୋଦନ କରିଥିଲା । ୨୦୨୫-୨୬ ବର୍ଷରେ ହୋଇଥିବା ବ୍ୟୟକୁ ପରବର୍ତ୍ତୀ ଅନୁମୋଦନ ମଧ ପ୍ରଦାନ କରାଯାଇଥିଲା । ସୁଲଭ ଆବାସର ସୁଯୋଗ ବୃଦ୍ଧି, ଅସହାୟ ଓ ବଂଚିତ ବର୍ଗଙ୍କ ଜୀବନଧାରଣର ମାନରେ ଉନ୍ନତି ଏବଂ ସମସ୍ତଙ୍କ ପାଇଁ ଅଧିକ ବାସଯୋଗ୍ୟ ସହରୀ ପରିବେଶ ଗଠନ ଦିଗରେ ଓଡ଼ିଶା ଲିଭେବଲ୍ ହାବିଟାଟ୍ ମିଶନ୍ କାର୍ଯ୍ୟ କରୁଛି ।

## ୨୮ଟିକିଆ ହାତୀପଲରେ ଜନ୍ମ ନେଲା ହାତୀ ଶାବକ



ଯୋଡ଼ା,୨୨/୧୦(ନି/ପ୍ର): ପବିତ୍ର ଦୁର୍ଗାପୂଜା ଅବସରରେ କେନ୍ଦୁଝରରେ ଏକ ହାତୀ ଶାବକ ଜନ୍ମ ହୋଇଛି । ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ୍ କାଞ୍ଜିଆଶୁଳା ଜଙ୍ଗଲରେ ୨୮ଟିକିଆ ହାତୀପଲରେ ଏହି ହାତୀ ଶାବକ ଜନ୍ମ ହୋଇଛି । ଆଜି ସକାଳୁ ଏହି ହାତୀ ଶାବକ ଜନ୍ମ ହୋଇଥିବା ବେଳେ, ଅନ୍ୟ ହାତୀମାନେ ଏହି ଶାବକକୁ ଜଗି ରହିଛନ୍ତି । ହାତୀଙ୍କ ସହ ହାତୀ ଶାବକ କିଭଳି ସୁରକ୍ଷିତ ରହିବ ସେଥିପ୍ରତି ବିଶେଷ ଧ୍ୟାନ ଦେଇଛି ବନ ବିଭାଗ । ହାତୀ ଶାବକର ସୁରକ୍ଷା ପାଇଁ ହାତୀପଲ ହିଂସ୍ର ହେବାର ସମ୍ଭାବନା ଥିବାରୁ ଲୋକେ କିପରି ହାତୀଙ୍କ ନିକଟକୁ ନଯିବେ, ସେଥିପ୍ରତି ବନବିଭାଗ ଲୋକଙ୍କୁ ସଚେତନ କରୁଛି ।

## ୧୦ ମାସ ପରେ ପୁଣି ଫେରିଲା ଦନ୍ତା

କାଳିଆପାଣି,୨୨/୧୦(ନି/ପ୍ର): ଜାତୀୟ ରାଜପଥ-୫୩ର ସୁକିନ୍ଦା ଭବନ ଠାରୁ ସତସଙ୍ଗ ବିହାର ଓ ଆଦର୍ଶ ସ୍କୁଲ ଛକ ବାଟରେ ଅର୍ବାନ ପ୍ଲାଂଟେସନ ଓ ପାର୍ଶ୍ୱସ୍ଥ ମାଧପୁର ସୁରକ୍ଷିତ ଜଙ୍ଗଲରେ ପଶିଛି ବାହୁବଳୀ ଦନ୍ତାହାତୀ । ପାଖରେ ଥିବା ଘନ ଜନବସତି ଠାରୁ ଦନ୍ତାକୁ ଦୂରେଇ ରଖାଯିବା ଯୋଜନାରେ ରେଞ୍ଜର ସତ୍ୟବ୍ରତ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନପାଳ ନବ କୁମାର ବେହେରାଙ୍କ ନେତୃତ୍ୱରେ ବନରକ୍ଷୀ ଗୌରାଙ୍ଗ ଜାଗିଙ୍କା ଓ ଲଲାଟେନ୍ଦୁ କର, ବନକର୍ମଚାରୀ ପିଣ୍ଟୁ ମହାନ୍ତ, ସତ୍ୟ ମଲ୍ଲିକ, ବୀରସାଗର ଟୁଡୁ, ରାମ ହେମ୍ବ୍ରମ ପ୍ରମୁଖଙ୍କ ସମେତ ୨୦ ଜଣିଆ



ବନବାହିନୀ ବାହୁବଳୀ ଗତିବିଧି ଉପରେ ନଜର ରଖିଛନ୍ତି । କପିଳାସ ଅଭୟାରଣ୍ୟରେ ରହୁଥିବା ଏହି ଦନ୍ତା ତା' ନିଆରା ଠାଣି ଓ ଚାଲି ଆଧାରରେ ବନ ବିଭାଗରେ ତଥା ତା' ଗତିପଥ ଇଲାକାରେ ବାହୁବଳୀ ନାଁରେ ପରିଚିତ । ଆଜି ସକାଳ ୬ଟାରେ ବାହୁବଳୀ କଟକ ବନଖଣ୍ଡ ସୁକିନ୍ଦା ରେଞ୍ଜ୍ ଓ ସେକ୍ସନର ଷୋଳମାଣିଆ ଜଙ୍ଗଲରେ ଦେଖାଯାଇଥିଲା । ଏହା ଢେଙ୍କାନାଳ ବନଖଣ୍ଡର ଷଡ଼ଙ୍ଗୀ ଓ ଭୁବନ ରେଞ୍ଜ୍ କନ୍ତିରା ବାଟରେ ବ୍ରାହ୍ମଣୀନଦୀ ପାର ହୋଇ ସୁକିନ୍ଦା ରେଞ୍ଜ୍ ବାଟ ଧରିଥିଲା । ସୁକିନ୍ଦା ଭବନ ପାଖରେ ଏକାଧିକ ଧାନକ୍ଷେତରେ ପଶି ଥୋଡ଼ ଧରୁଥିବା ଧାନ ଖାଇଥିଲା । ବର୍ଷରେ ଥରେ କିମ୍ବା ୨ ଥର ସୁକିନ୍ଦା ଆସୁଥିବା ଏହି ଦନ୍ତା ଗତବର୍ଷ ଡିସେମ୍ବର ମାସ ୨୭ ତାରିଖରେ ଦୁଧୁଯୋରୀ ପଚାଂୟତ ଘୁଡ଼ଳ ସୁରକ୍ଷିତ ଜଙ୍ଗଲ, ପରେ ବନ୍ଧଗାଁ ଓ ଲେମ୍ବୋ ପଚାଂୟତ ବାଟରେ ମହାଗିରି ପାହାଡ଼ର କେନ୍ଦୁଆକଣ ଜଙ୍ଗଲରେ ରହିଥିଲା ।

## ଡିଡି ବିଶ୍ୱବିଦ୍ୟାଳୟରେ ଛାତ୍ର କଂଗ୍ରେସର ବିଜୟ ଶୋଭାଯାତ୍ରା



କେନ୍ଦୁଝର,୨୨/୧୦(ନି/ପ୍ର): କେନ୍ଦୁଝର ଜିଲ୍ଲାରେ ବିଭିନ୍ନ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ସରିଯାଇଛି କ୍ଷ ସେହିପରି ଧରଣୀଧର ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ଏକ ମାତ୍ର ହ୍ୟୁମାନଟି ସୋସାଇଟି ସମ୍ପାଦକ ଭାବେ ଶୁଭମ ବାରିକ ଏନଏସୟୁଆଇ ବା ଛାତ୍ର କଂଗ୍ରେସର ପ୍ରାର୍ଥୀ ଭାବେ ବିଜୟ ଲାଭ କରିଛନ୍ତି । ତେଣୁ ତାଙ୍କ ବିଜୟ ପରେ ଏକ ଶୋଭାଯାତ୍ରାରେ କଲେଜ କ୍ୟାମ୍ପସ ଠାରୁ କଂଗ୍ରେସ ଭବନ ପର୍ଯ୍ୟନ୍ତ ଶତାଧିକ ଛାତ୍ର କଂଗ୍ରେସ ନେତା ଉପସ୍ଥିତ ଥିଲେ । ଜିଲ୍ଲା ଛାତ୍ର କଂଗ୍ରେସ ସଂଯୋଜକ ଶୁଭମ ରାଜ କହିଛନ୍ତି ଏବିଭିପିର ପ୍ରାର୍ଥୀ ଏବଂ ବିଜେପି ନେତା ମାନେ ସବୁ କଲେଜରେ ଅର୍ଥବଳ, ବାହୁବଳ ଏବଂ ପୋଲିସ ଉପସ୍ଥିତିରେ ଛାତ୍ରଛାତ୍ରୀ ମାନଙ୍କୁ ଅର୍ଥ, ଖାଦ୍ୟ, ମଦ ଏବଂ ଧମକ ଚମକ ଦେଇ ଏବିଭିପି ନିଜ ପ୍ରାର୍ଥୀଙ୍କୁ ଜିତାଇଛି । ଏହି ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜେପି ନେତା ଏକ କୋଟିରୁ ଅଧିକା ଟଙ୍କା ଖର୍ଚ୍ଚ କରିଛି । ଏପରି ମଧ ଖୋଦ ମୋହନ ଚରଣ ମାଝୀଙ୍କ ନିଜ ନିର୍ବାଚନମଣ୍ଡଳୀରେ ଧରଣୀଧର ବିଶ୍ୱବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ଇଙ୍ଗିତରେ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଏବିଭିପି ପ୍ରାର୍ଥୀଙ୍କୁ ଜିତାଇବ ପାଇଁ ଭୋଟ ଚୋରି କରିଛନ୍ତି । ଏହି ବିଜୟ ଶୋଭାଯାତ୍ରାରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ପିସିସି ସମ୍ପାଦକ ଐତିହଦିବ୍ୟ ସିଂହ, କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ରାଉତ, ଯୁବ କଂଗ୍ରେସ ନେତା ସନତ ପାଢ଼ୀ, ଆନନ୍ଦ ମାଝୀ, ଅମିତ କୁମାର ରାଉତ, ବ୍ୟାସଦେବ ବେହେରା, ମାନସ ବେହେରା, ସଂଗ୍ରାମ ବେହେରା, ପୂର୍ବତନ ଛାତ୍ର ସଂସଦ ସାଧାରଣ ସମ୍ପାଦକ ପ୍ରଭାତ କୁମାର ସାହୁ, ରାମେଶ୍ୱର ନାଗରି, ହୁମାଂଶୁ କୁମାର, ସୌମ୍ୟରଞ୍ଜନ ପଲେଇ, ଛାତ୍ର କଂଗ୍ରେସ ନେତା ସୌମ୍ୟ ସଚିନ ମିଶ୍ର, ଆକାଶ କୁମାର ମହାନ୍ତ, ରତିକାନ୍ତ ପଡ଼ିଆରୀ, ପ୍ରେମ କୁମାର ନାଗରୀ, ରୁପେଶ କୁମାର ମହାନ୍ତ, ସାଗିଲା ଦାଉଦ ଖାନ, ଚନ୍ଦନ ମହାରଣା ଓ ସତ୍ୟଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ବୁଢୀବାହାଲ ଗାଁରେ ବଏଲ ଯାତ୍ରା ସମ୍ପନ୍ନ, କଟାଂଦୋଳିରେ ଝୁଲିଲେ ବରୁଆ



ଧଣ୍ଡାମୁଣ୍ଡା,୨୨/୧୦(ନି/ପ୍ର): ଖପ୍ରାଖୋଲ ବ୍ଲକ ଓଡିଆପାଲି ପଚାଂୟତ ବୁଢୀବାହାଲ ଗାଁରେ ଥିବା ମା ଦଶନାମୀ ଭୈରବୀ ଝାରଗୁଡି ପୀଠରେ ଦଶହରା ବଏଲ ଯାତ୍ରା ବୁଧବାର ଅନୁଷ୍ଠିତ ହୋଇଛି । ଏହି ଅବସରରେ ପ୍ରଥମେ ଦେବୀଙ୍କ ଆବାହନ, ପୂଜାପାଠ, ତନ୍ତ୍ର ମନ୍ତ୍ର ହୋଇଥିବା ବେଳେ ପାରମ୍ପରିକ ଭାବରେ ପୀଠର ମୁଖ୍ୟ ପୂଜକ ଅମସିଙ୍ଗ୍ ଭୁଏ ପୂଜା ପାଠ କରି ଦେବୀମାନଙ୍କୁ ବରୁଆଙ୍କ ଦେହରେ ଆବାହନ କରିଥିଲେ । ଦେବୀ ମାନେ ବରୁଆଙ୍କ ଦେହରେ ସବାର ହୋଇ କଟାଂଲଗା ଦୋଳିରେ ଝୁଲି ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ଏହି ପୀଠରେ ପୂଜାପାଠ ଓ ମାନସିକ କଲେ ମନସ୍କାମନା ପୂରଣ ହେବା ସହିତ ରୋଗରୁ ମୁକ୍ତି ମିଳିବା ବିଶ୍ୱାସ ରହିଛି । ଏହାପରେ ମାନସିକଧାରୀମାନେ ନଡ଼ିଆ, ଲଡୁ,କଖାରୁ, କୁକୁଡ଼ା,ଓ ବୋଦା ବଳି ଦେଇଥିଲେ । ଯାତ୍ରା ଅବସରରେ ପଟଂବାଦ, ଘଟଂଘଟାଂ ଶବ୍ଦରେ ପୂଜା ସ୍ଥଳ ଉତ୍ସବମୁଖର ହୋଇଥିଲା । ଷୋହଳ ଦିନ ଧରି ବରୁଆ, ପୂଜକ, ଶ୍ରଦ୍ଧାଳୁ ଉପବାସ ରହି ପୂଜା କରିବା ସହିତ ଶେଷ ଦିନରେ ବଏଲ ଯାତ୍ରା ଅନୁଷ୍ଠିତ ହେବାର ପରମ୍ପରା ରହିଛି ।

## ଜ୍ଞାନ ପ୍ରକାଶ ସାହିତ୍ୟ ଅନୁଷ୍ଠାନ ତରଫରୁ କବିତା ଆସର

କେନ୍ଦ୍ରାପଡ଼ା,୨୨/୧୦(ନି/ପ୍ର): ଜ୍ଞାନ ପ୍ରକାଶ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ଆୟୋଜିତ କେନ୍ଦ୍ରାପଡ଼ା ଶାଖାର ସଂଯୋଜିକା କବୟିତ୍ରୀ ବାସନ୍ତୀ ଦାସଙ୍କ ନସଡିପୁର ସ୍ଥିତ ବାସଭବନରେ ଜ୍ଞାନ ପ୍ରକାଶ ପ୍ରତିଷ୍ଠାତା ଜ୍ଞାନଚନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଶାରଦୀୟ ବନ୍ଧୁମିଳନ ଓ କବିତା ଆସର ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଭାଷା ବିଜ୍ଞାନୀ ଦେବାଶିଷ ମହାପାତ୍ର, ମୁଖ୍ୟବକ୍ତା ଭାବରେ ଶ୍ରୀମତୀ ଅମ୍ବିକା ସ୍ୱାଇଁ, ସମ୍ପାଦିକା କୋଠଘର ଜ୍ଞାନ ପ୍ରକାଶ ରାଜ୍ୟମୁଖ୍ୟ, ସମ୍ମାନୀତ ଅତିଥିଭାବରେ କବି ପ୍ରଦୀପ୍ତ କୁମାର ସାହୁ, କବିୟିତ୍ରୀ ଶ୍ରୀମତୀ ସଂଯୁକ୍ତା ସାହୁ, ଶ୍ରୀମତି ସୌଭାଗିନି ମହାପାତ୍ର ଯୋଗ ଦେଇଥିଲେ । ଏହି କବିତା ଆସରରେ ୨୦ରୁ ଉର୍ଦ୍ଧ୍ୱ ସ୍ଥାନୀୟ କବି ଓ କବିୟତ୍ରୀ ଯୋଗଦାନ କରି ସ୍ୱରଚିତ କବିତା ପାଠ କରିଥିଲେ । ସେମାନେ ହେଲେ ପ୍ରକୃତିବଂଧୁ କବି ନୃସିଂହ ଚରଣ ତ୍ରିପାଠୀ, ବ୍ୟଙ୍ଗକବି ଅପର୍ତି ଚରଣ ସେଠୀ, ସୁଶାନ୍ତ କୁମାର ଦାଶ, କୃଷ୍ଣଚନ୍ଦ୍ର ମହାପାତ୍ର, ସୌଭାଗ୍ୟ ଦାଶ, ଶୋଭାମୟୀ ପତ୍ରୀ, ଜ୍ଞାନମୟୀ ପତ୍ରୀ ଓ ଅନ୍ୟମାନେ । ଶ୍ରୀମତୀ ରତ୍ନମାଳୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରହ୍ମବରଦା କଲେଜରେ ଅନ୍ତର୍ଜାତୀୟ ହାତଧୁଆ ଦିବସ ପାଳିତ

ଧର୍ମଶାଳା,୨୨/୧୦(ନି/ପ୍ର):ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା କଲେଜ ପରିସରରେ ୟୁନିସେଫର ସହଯୋଗ ରେ ପରିଚାଳିତ 'ୟୁଥ୍-୪-ୱାଟର ପ୍ଲସ୍' ଏବଂ ବ୍ରହ୍ମବରଦା କଲେଜର ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ 'ଆନ୍ତର୍ଜାତୀୟ ହାତଧୁଆ ଦିବସ' ପାଳିତ ହୋଇଯାଇଛି । ସ୍ୱାସ୍ଥ୍ୟକର ଦୈନନ୍ଦିନ ଅଭ୍ୟାସ ଏବଂ ହାତ ଧୋଇବାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜଣାପଡିଛି ।ଏହି କାର୍ଯ୍ୟକ୍ରମକୁ ବ୍ରହ୍ମବରଦା କଲେଜର ଅଧ୍ୟାପକ ତଥା ଏନଏସଏସ ପ୍ରୋଗ୍ରାମ୍ ଅଫିସ ନିହାର ରଞ୍ଜନ ମଲ୍ଲିକ ସଂଯୋଜନା କରିଥିଲେ । ସଚେତନତା ଶିବିରରେ ଦେଢ ଶହରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । କଟକ ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟର ସିନେଟ୍ ସଭ୍ୟ ତଥା ୟୁଥ୍-୪-ୱାଟର ପ୍ଲସ୍ର ଯୁବ ସ୍ୱେଚ୍ଛାସେବୀ ଅରୂପ କୁମାର ଦେଓ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ଦୈନନ୍ଦିନ ଜୀବନରେ ହାତ ଧୋଇବାର ଗୁରୁତ୍ୱ ସଂପର୍କରେ ଆଲୋକପାତ କରିଥିଲେ । ସେ ସଠିକ୍ ଭାବେ ହାତ ଧୋଇବାର ୬ଟି ସୋପାନ ପ୍ରଦର୍ଶନ କରିବା ସହ ନିୟମିତ ହାତ ସଫା ରଖିବା ଦ୍ୱାରା କିପରି ସଂକ୍ରମଣରୁ ରକ୍ଷା ମିଳିପାରିବ ଏବଂ ଜନସ୍ୱାସ୍ଥ୍ୟର ସୁରକ୍ଷା ହୋଇପାରିବ, ସେ ବିଷୟରେ ବୁଝାଇ ଥିଲେ । ବ୍ରହ୍ମବରଦା ଜୁନିୟର କଲେଜର ଅଧକ୍ଷ ଉଲ୍ଲାସ ବିଶ୍ୱାଳ ସଭାକୁ ସମ୍ବୋଧିତ କରି ବ୍ୟକ୍ତିଗତ ସ୍ୱଚ୍ଛତା ବଜାୟ ରଖିବା ଏବଂ ସ୍ୱାସ୍ଥ୍ୟକର ଅଭ୍ୟାସ ଆପଣାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅଧ୍ୟାପକ ରାଜକିଶୋର ପଣ୍ଡା, ଅଧ୍ୟାପିକା ବନଲତା ଲେଙ୍କା, ଅଧ୍ୟାପକ ଓମକାର ପ୍ରସାଦ, ରିଙ୍କନ ବେହେରା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ସଠିକ୍ ଉପାୟରେ ହାତ ଧୋଇବା ଅଭ୍ୟାସ କରିବାକୁ ଉତ୍ସାହିତ କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ସଠିକ୍ କୌଶଳ ବୁଝାଇବା ପାଇଁ ଏକ ବ୍ୟବହାରିକ ହାତଧୁଆ ପ୍ରଦର୍ଶନ କରାଯାଇଥିଲା । ଏହା ପରେ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀମାନେ ନିକଟସ୍ଥ ଗୁପ୍ଚୁପ୍ ଓ ଦହିବରା ବିକ୍ରେତାମାନଙ୍କ ପାଖକୁ ଯାଇ ହାତ ଧୋଇବାର ଗୁରୁତ୍ୱ ବିଷୟରେ ସଚେତନ କରିଥିଲେ । ସାବୁନ୍ରେ ହାତ ଧୋଇବାକୁ ଏକ ନିୟମିତ ଅଭ୍ୟାସରେ ପରିଣତ କରିବା ପାଇଁ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକଙ୍କୁ ବାର୍ତ୍ତା ପ୍ରେରଣ କରା ଯାଇଥିଲା ।

## ସେବା ସଂକଳ୍ପ ଅଭିଯାନରେ ମାଗଣା ହେଲମେଟ୍ ବଣ୍ଟନ କାର୍ଯ୍ୟକ୍ରମ



ବାରିପଦା,୨୨/୧୦(ନି/ପ୍ର): ସେବା ସଂକଳ୍ପ ଅଭିଯାନ ଅବସରରେ ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା ବ୍ଲକ୍ ଅନ୍ତର୍ଗତ ବଡ଼ ଦେଉଳିଠାରେ ସଡ଼କ ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି ଏବଂ ଦୁଇଚକିଆ ଯାନ ଚାଳକଙ୍କୁ ହେଲମେଟ୍ ବ୍ୟବହାର ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ମାଗଣା ହେଲମେଟ୍ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷାର ଗୁରୁତ୍ୱ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ଡ଼ଃ ମହାପାତ୍ର ତାଙ୍କ ଅଭିଭାଷଣରେ, ସଡ଼କ ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ । ଦୁଇଚକିଆ ଯାନ ଚଳାଇବା ସମୟରେ ନିୟମିତ ହେଲମେଟ୍ ବ୍ୟବହାର ଏବଂ ଟ୍ରାଫିକ୍ ନିୟମ ପାଳନ ଦୁର୍ଘଟଣାଜନିତ ମୃତ୍ୟୁ ଓ ଗୁରୁତର ଆଘାତର ଆଶଙ୍କା କମାଇବାରେ ସହାୟକ ହୁଏ । ସମସ୍ତେ ନିଜ ସୁରକ୍ଷା ସହ ଅନ୍ୟମାନଙ୍କ ସୁରକ୍ଷା ପ୍ରତି ମଧ ସଚେତନ ରହିବା ଆବଶ୍ୟକ" ବୋଲି ସେ ମତ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଶୁଳିଆପଦା ବିଡ଼ିଓ ଲକ୍ଷ୍ମୀ ସାଗର ମାଝୀ ଏବଂ ତହସିଲଦାର ନାରାନ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଯାତାୟାତକାରୀଙ୍କୁ ମାଗଣାରେ ହେଲମେଟ୍ ବଣ୍ଟନ କରାଯାଇଥିଲା । ହେଲମେଟ୍ ବ୍ୟବହାର ଏବଂ ଟ୍ରାଫିକ୍ ନିୟମ ପାଳନ ଦ୍ୱାରା ସଡ଼କ ଦୁର୍ଘଟଣାରେ ମୁଣ୍ଡରେ ଆଘାତ ଓ ମୃତ୍ୟୁର ଆଶଙ୍କା ହ୍ରାସ କରାଯାଇପାରିବ ବୋଲି ଏଥିରେ ସଚେତନ କରାଯାଇଥିଲା । ଏଥିସହ ଟ୍ରାଫିକ୍ ନିୟମ ପାଳନ କରିବା ଓ ଦାୟିତ୍ୱପୂର୍ଣ୍ଣ ଭାବେ ଯାନ ଚାଳନା କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ସମଗ୍ର କାର୍ଯ୍ୟକ୍ରମକୁ ଆଂଚଳିକ ପରିବହନ ଅଧିକାରୀ, ବାରିପଦା ପ୍ରଶାନ୍ତ କୁମାର ପରିଡ଼ା ପ୍ରତ୍ୟକ୍ଷ ଭାବେ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଆଂଚଳିକ ପରିବହନ କାର୍ଯ୍ୟାଳୟ, ବାରିପଦାର ସମସ୍ତ ଅଧିକାରୀ ଓ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରି ସଫଳ ଆୟୋଜନରେ ସହଯୋଗ କରିଥିଲେ ।

## ଦିବ୍ୟାଙ୍ଗଙ୍କ ପାଇଁ ସୁଗମ ହେବ ରସୁଲପୁର ବ୍ଲକର ସମସ୍ତ ସରକାରୀ କାର୍ଯ୍ୟାଳୟ

ଧର୍ମଶାଳା,୨୨/୧୦(ନି/ପ୍ର): ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ସରକାରୀ ସେବାକୁ ସୁଗମ, ସହଜ ଓ ଭେଦଭାବମୁକ୍ତ କରିବା ଲକ୍ଷ୍ୟରେ ଯାଜପୁର ଜିଲା ରସୁଲପୁର ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ବ୍ଲକ ଅଧୀନ ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଜନସେବା ଅନୁଷ୍ଠାନରେ ଦିବ୍ୟାଙ୍ଗଙ୍କ ପାଇଁ ଆବଶ୍ୟକୀୟ ଭିତିଭୂମି ଓ ସୁଗମ ପ୍ରବେଶ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି । ସୁଗମ ଓଡିଶା ଅଭିଯାନର ରାଜ୍ୟ ମୁଖ୍ୟ ତଥା ଦିବ୍ୟାଙ୍ଗ ଅଧିକାର କର୍ମୀ ମଂଟୁ ଦାସଙ୍କ ଆବେଦନ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଅଧିକାର ଆଇନ, ୨୦୧୬ର ବ୍ୟବସ୍ଥାକୁ ଆଧାର କରି ରସୁଲପୁର ପଚାଂୟତ ସମିତି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି । ବ୍ଲକ ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ, କାର୍ଯ୍ୟାଳୟଗୁଡ଼ିକରେ ଦିବ୍ୟାଙ୍ଗଙ୍କ ଯାତାୟାତ ପାଇଁ ଉପଯୁକ୍ତ ରାଂପ ଓ ହ୍ୟାଣ୍ଡ୍ରେଲ୍, ବାଧାମୁକ୍ତ ପ୍ରବେଶ ପଥ, ଦିବ୍ୟାଙ୍ଗ ଅନୁକୂଳ ଶୌଚାଳୟ ଏବଂ ଆବଶ୍ୟକୀୟ ସୂଚନା ସଙ୍କେତର ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱ ଦିଆ ଯାଇଛି । ସେହିପରି ଜନସାଧାରଣଙ୍କୁ ସେବା ଯୋଗାଉଥିବା ସ୍ଥାନଗୁଡ଼ିକରେ ଦିବ୍ୟାଙ୍ଗମାନେ ଯେପରି ବିନା ବାଧାରେ ପଂହଚି ନିଜର କାର୍ଯ୍ୟ ସଂପାଦନ କରିପାରିବେ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି ।ଏହି ନିର୍ଦ୍ଦେଶନାମା ସଂପର୍କରେ ତହସିଲ କାର୍ଯ୍ୟାଳୟ, ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, କୃଷି, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ସମେତ କୁଆଖିଆ ଓ ବ୍ରହ୍ମବରଦା ଥାନାର ଅଧିକାରୀମାନଙ୍କୁ ଅବଗତ କରାଯାଇଛି । ଏଥିସହ ରସୁଲପୁର ବ୍ଲକ ଅଚଂଳରେ ଥିବା ସମସ୍ତ ବ୍ୟାଙ୍କରେ ଦିବ୍ୟାଙ୍ଗ ଅନୁକୂଳ ସୁବିଧା ସୁନିଶ୍ଚିତ କରିବା ନିମନ୍ତେ ଯାଜପୁରର ଅଗ୍ରଣୀ ଜିଲ୍ଲା ବ୍ୟାଙ୍କ ପରିଚାଳକଙ୍କୁ ମଧ ଅବଗତ କରାଯାଇଛି ।କେବଳ ପୁରୁଣା କୋଠା ନୁହେଁ, ନୂତନ ଭାବେ ନିର୍ମାଣାଧୀନ କିମ୍ବା ମରାମତି ହେଉଥିବା ସରକାରୀ କୋଠାଗୁଡ଼ିକରେ ମଧ ପ୍ରଯୁଜ୍ୟ ସୁଗମତା ମାନଦଣ୍ଡ ପାଳନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ସୁଗମତା କୌଣସି ଅନୁକମ୍ପା ନୁହେଁ, ଏହା ସେମାନଙ୍କର ଆଇନଗତ ଅଧିକାର । ତେଣୁ ସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ୟାଙ୍କ ଓ ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ ସବୁଠାରେ ବାଧାମୁକ୍ତ ପରିବେଶ ସୃଷ୍ଟି ହେବା ଆବଶ୍ୟକ । ରସୁଲପୁର ବ୍ଲକ ପ୍ରଶାସନର ଏହି ପଦକ୍ଷେପ ଦିବ୍ୟାଙ୍ଗଙ୍କ ସମ୍ମାନ, ସ୍ୱାଧୀନତା ଓ ସମାନ ଅଧିକାର ସୁନିଶ୍ଚିତ କରିବା ଦିଗରେ ଏକ ସକାରାତ୍ମକ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି ।

## ଭଣ୍ଡାରିପୋଖରୀ ଓ ବନ୍ତରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ

ଭଦ୍ରକ,୨୨/୧୦(ନି/ପ୍ର):ଛାତ୍ରଛାତ୍ରୀଙ୍କୁ ନିଶା ସେବନର କୁପରିଣାମ ସମ୍ପର୍କରେ ସଚେତନ କରିବା ସହ ଏକ ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ ଏବଂ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି କ୍ରମରେ ଭଣ୍ଡାରିପୋଖରୀ ବ୍ଲକର ଥାଇଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବନ୍ତ ବ୍ଲକର ହାସିନପୁର ଉଚ୍ଚପ୍ରାଥମିକଙ୍ଗବିଦ୍ୟାଳୟରେ ନିଶାମୁକ୍ତ ବିଦ୍ୟାଳୟ ଓ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ସମ୍ପର୍କିତ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ତମାଖୁ ତଥା ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନର ଶାରୀରିକ, ମାନସିକ ଓ ସାମାଜିକ କୁପ୍ରଭାବ ବିଷୟରେ ସଚେତନ କରାଯାଇଥିଲା । ସେହିପରି ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇ ଛାତ୍ରଛାତ୍ରୀଙ୍କୁ ନିଶାଠାରୁ ଦୂରେଇ ରହିବା, ସୁସ୍ଥ ଜୀବନଶୈଳୀ ଆପଣାଇବା

ଉତ୍କଳ ସମାଚାର

## ସମ୍ପାଦକୀୟ...

**ଶୁକ୍ରବାର ୨୩ ଅକ୍ଟୋବର ୨୦୨୬**

# ସମ୍ରାଟଙ୍କ ସମାଜବାଦ

ଆୟିନ୍ ର୍ୟାଣ୍ଡଙ୍କ ଭାଷାରେ ପ୍ରତ୍ୟେକ ବ୍ୟକ୍ତି ତା'ର ନିଜର ''ଯୁକ୍ତିଯୁକ୍ତ ଆତ୍ମସ୍ୱାର୍ଥ'' ବା ''ରେସନାଲ୍ ସେଲ୍‌ଫ ଇଣ୍ଟେରେଷ୍ଟ'' ଦ୍ୱାରା ପରିଚାଳିତ ହୋଇ ନିଜ ପାଇଁ ସଂପଦ ସୃଷ୍ଟି କରିବାରେ ପ୍ରବୃତ ହେଲେ ତାହାର ମିଳିତ ସୁଫଳ ସ୍ୱରୂପ ସେ ସମାଜ ବା ଗୋଷ୍ଠୀ ସର୍ବାଧିକ ସଂପଦର ଅଧିକାରୀ ହୋଇଥାଏ। ସୁପ୍ରିମ୍ କୋର୍ଟଙ୍କ ରାୟ ସେଇ ଲକ୍ଷ୍ୟ ହାସଲ ପାଇଁ ପଥ ପରିଷ୍କାର କରିଛି। ମଙ୍ଗଳବାର ଦିନ ସୁପ୍ରିମ୍ କୋର୍ଟର ପ୍ରଧାନ ବିଚାରପତି ଧନଞ୍ଜୟ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଏକ ନ'ଜଣିଆ ବେଞ୍ଚ ଦେଶରେ ସଂପତିର ଘରୋଇ ମାଲିକାନା ପୁନଃସ୍ଥାପନ କରିବା ପାଇଁ ରାୟ ଦେବା ଅବସରରେ ଅତୀତରେ ଏ ସଂପର୍କରେ ସେମାନଙ୍କର ଜଣେ ପ୍ରଖ୍ୟାତ ପୂର୍ବସୂରୀ ପ୍ରକାଶ କରିଥିବା ବହୁଚର୍ଚ୍ଚିତ ଅଭିମୁଖ୍ୟକୁ ଆଲୋଚନା ପରିସରଭୁକ୍ତ କରିବାକୁ ଓ ତାହାର ଖଣ୍ଡନ କରିବାକୁ ଉଚିତ ମନେ କରିଛନ୍ତି। ଏହି ଦିବଂଗତ ନ୍ୟାୟାଧୀଶ ହେଉଛନ୍ତି ପଦ୍ମବିଭୂଷଣ ସମ୍ମାନ ଦ୍ୱାରା ଭୂଷିତ ଜଷ୍ଟିସ୍ ବୈଦ୍ୟନାଥପୁରମ୍ ରାମ ଆୟାର୍ କ୍ରିଷ୍ଣା ଆୟାର ଯିଏ ୧୯୭୮ରେ ଏକ ମାମଲାରେ ନିଜର ସଂଖ୍ୟାଲଘୁ ନିର୍ଦ୍ଦେଶ ପ୍ରଦାନ କରି କହିଥିଲେ ଯେ ଘରୋଇ ମାଲିକାନାରେ ଥିବା ପାର୍ଥିବ ସମ୍ବଳମାନଙ୍କୁ ମଧ୍ୟ ଗୋଷ୍ଠୀର ସମ୍ବଳ ରୂପେ ବିଚାର କରାଯାଇପାରିବ। ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ ଜଷ୍ଟିସ୍ ଆୟାରଙ୍କର ଏହି ମତାମତକୁ ଏକ ନିର୍ଦ୍ଦିଷ୍ଟ ଆଦର୍ଶଗତ ଚିନ୍ତାଧାରାର ଅଂଶ ରୂପେ ଅଭିହିତ କରି ଇତିମଧ୍ୟରେ ଦେଶ ସେଭଳି ଚିନ୍ତାଧାରା ଠାରୁ ଦୂରେଇ ଯାଇ ଚମକପ୍ରଦ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବାରେ ସକ୍ଷମ ହୋଇଛି ବୋଲି ଚେତାଇ ଦେଇଛନ୍ତି। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଅବଶ୍ୟ ଜଷ୍ଟିସ୍ ଆୟାରଙ୍କର ଏ ଯେଉଁ ଚିନ୍ତାଧାରା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି, ତାହାର ନାମ କାହାରିକୁ ଅଛପା ନୁହେଁ- ସମାଜବାଦ। ଜଷ୍ଟିସ୍ ଆୟାରଙ୍କ ପରି ଜଣେ ବିଚକ୍ଷଣ ନ୍ୟାୟବିତ୍ ଏହି ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହେବାରେ ମଧ୍ୟ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ସାଧାରଣତଃ କାର୍ଲ ମାର୍କସ୍‌ଙ୍କୁ ଏହି ରାଜନୈତିକ-ଅର୍ଥନୈତିକ ଚିନ୍ତାଧାରାର ଜନକ ରୂପେ ବିଚାର କରାଯାଉଥିଲେ ହେଁ, ଇତିହାସ ସାରା ସମାଜରୁ ଅର୍ଥନୈତିକ ବୈଷମ୍ୟ ଦୂର କରିବା ଭଳି ଏକ ନ୍ୟାୟୋଚିତ ଆଦର୍ଶରେ ବିଶ୍ୱାସ କରୁଥିବା ଅନେକ ଦାର୍ଶନିକମାନଙ୍କ ଠାରୁ ରାଷ୍ଟ୍ର ନାୟକମାନଙ୍କ ପର୍ଯ୍ୟନ୍ତ ଏହି ମତବାଦ ଦ୍ୱାରା ଆକର୍ଷିତ ହେବା ଦେଖାଯାଇଛି। ସମାଜବାଦ ଯେ ହେଉଛି ଏକ ଅତ୍ୟନ୍ତ ମହତ୍ ଆଦର୍ଶ, ଏଥିରେ ସାମାନ୍ୟତମ ସନ୍ଦେହର ଅବକାଶ ନାହିଁ। କିନ୍ତୁ ସେଇ ଇତିହାସ ସାରା ଦେଖାଯାଇଛି ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଉଦ୍ୟମ ସର୍ବଦା ବିଫଳତା କିମ୍ବା ବିପର୍ଯ୍ୟୟରେ ପରିସମାପ୍ତ ହୋଇଛି। ଆଧୁନିକ ସମୟର ସୋଭିଏତ୍ ରୁଷିଆରୁ ପ୍ରାଚୀନ ରୋମ୍ ପର୍ଯ୍ୟନ୍ତରେ ସମାଜବାଦର ଯେଉଁ ପରାଜୟ ଘଟିବା ଦେଖା ହୋଇଆସିଛି, ତାହା ଏକ ଆଦର୍ଶ ଭାବରେ ଏହି ମତବାଦର କୌଣସି ଦୁର୍ବଳତା ଯୋଗୁଁ ନୁହେଁ, ତାହା ହେଉଛି ମନୁଷ୍ୟ ଚରିତ୍ରର ଅନ୍ତର୍ନିହିତ ସ୍ୱାର୍ଥକୈନ୍ଦ୍ରିକ ଆଭିମୁଖ୍ୟ ଓ ବିଷମ ପାରଦର୍ଶିତା ଯୋଗୁଁ। ସମାଜବାଦର ଏହି ବିଫଳତାର ଏକ ପ୍ରାଚୀନତମ ଉଦାହରଣ ରୂପେ ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀରେ ରୋମ୍‌ର ସମ୍ରାଟ୍ ଡାୟୋକ୍ଲିସନ୍ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କରିଥିବା ଉଦ୍ୟମ ଉପରେ ଏକ କ୍ଷିପ୍ର ଦୃଷ୍ଟି ନିକ୍ଷେପ କରାଯାଇପାରେ। ନିଜର ପ୍ରଜାମାନେ ଭୋଗୁଥିବା ଦାରିଦ୍ର୍ୟ ଓ ସେଥିଯୋଗୁଁ ସେମାନେ ପ୍ରଦର୍ଶନ କରୁଥିବା ଅସନ୍ତୋଷ ଓ ଅସ୍ଥିରତା ଦ୍ୱାରା ବିଚଳିତ ହୋଇ ସମ୍ରାଟ୍ ଡାୟୋକ୍ଲିସନ୍ ପରିସ୍ଥିତି ସମ୍ଭାଳିବା ନିମିତ ଯେଉଁ ଆଦେଶନାମା ଜାରି କରିଥିଲେ ତାହା ଆଜିର ଯେ କୌଣସି ସମାଜବାଦୀ ରାଷ୍ଟ୍ରର ଲକ୍ଷଣମାନ ବହନ କରିଥାଏ ଏବଂ ଯାହାର ଅନେକାଂଶ ସହିତ ଆମେମାନେ ମଧ୍ୟ ସୁପରିଚିତ। ଏହି ଆଦେଶନାମାରେ ସମ୍ରାଟ୍ ବଜାରରେ ଜିନିଷପତ୍ରର ଦର ବୃଦ୍ଧି ଘଟାଇ ଲାଭ ଅର୍ଜନ କରିବା ଉଦ୍ଦେଶ୍ୟରେ ଯେଉଁ ଏକଚାଟିଆ ବ୍ୟବସାୟୀମାନେ ସେଗୁଡ଼ିକୁ ବଜାରକୁ ନ ଛାଡ଼ି ମହଜୁଦ କରି ରଖୁଥିଲେ, ସେମାନଙ୍କୁ ଧମକ ଦେବା ସହିତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦ୍ରବ୍ୟ ଓ ସେବାମାନଙ୍କର ସର୍ବୋଚ୍ଚ ଦର ନିର୍ଦ୍ଧାରଣ କରିଥିଲେ। ସେ ମଧ୍ୟ ମଜୁରିର ନିର୍ଦ୍ଦିଷ୍ଟ ହାର ନିର୍ଦ୍ଧାରଣ କରିଥିଲେ। ବେକାର ନାଗରିକମାନଙ୍କୁ ନିଯୁକ୍ତି ଯୋଗାଇବା ପାଇଁ ସମ୍ରାଟ୍ ବିଭିନ୍ନ କର୍ମନିଯୁକ୍ତି ଯୋଜନାମାନ କାର୍ଯ୍ୟକାରୀ କରିଥିଲେ। ଅଭାବଗ୍ରସ୍ତ ଜନସାଧାରଣଙ୍କୁ ଆହାର ଯୋଗାଇବା ନିମିନ୍ତ ପ୍ରଶାସନ ମାଗଣା ଖାଦ୍ୟ ବଂଟନ ଯୋଜନାମାନ କାର୍ଯ୍ୟକାରୀ କରିଥିଲା। ସରକାର ସମସ୍ତ ଖଣି ଖାଦାନ ସହିତ ସମସ୍ତ ଶିଳ୍ପ ଅନୁଷ୍ଠାନମାନଙ୍କୁ ନିଜ ନିୟନ୍ତ୍ରଣାଧୀନ କରିଦେଇଥିଲେ, ଯାହା ଆଧୁନିକ ସମୟରେ ଜାତୀୟକରଣ ନାମରେ ପରିଚିତ। ଯେଉଁ କେତେକ ଶିଳ୍ପ ବ୍ୟବସାୟ ସମ୍ରାଟ୍‌ଙ୍କର ଏହି ସମାଜବାଦୀ ଅଭିଯାନ (ଏହା ପରସ୍ପର-ବିରୋଧୀ ମନେ ହୋଇ ନ ଥାଏ କି?)ରୁ ବର୍ତ୍ତିଯାଇ ଘରୋଇ କ୍ଷେତ୍ରରେ ବ୍ୟବସାୟ କରୁଥିଲେ, ସରକାର ସେମାନଙ୍କ ଉପରେ ଯେଉଁ ଅସହନୀୟ କର ଭାର ଲଦି ଦେଉଥିଲେ, ତାହା ସେମାନଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଥିଲା। (ଯେମିତି ଜଷ୍ଟିସ୍ ଆୟାରଙ୍କ ସମୟରେ ଭାରତରେ ଆୟ କରର ସର୍ବୋଚ୍ଚ ହାର ଥିଲା ୯୭.୫ ଶତାଂଶ!) ଏହି ବିସ୍ତୃତ ସମାଜବାଦୀ ବ୍ୟବସ୍ଥାର ତଦାରଖ କରିବା ପାଇଁ ସମ୍ରାଟ୍ ଯେଉଁ ବିଶାଳ ଅମଲାତନ୍ତ୍ର ସୃଷ୍ଟି କଲେ ତାହା ଅବିଳମ୍ବେ ଘୋର ଦୁର୍ନୀତିପ୍ରବଣ ହୋଇ ସାଧାରଣ ନାଗରିକମାନଙ୍କୁ ଶୋଷଣ କରିବାରେ ଲାଗିଗଲା। ବ୍ୟକ୍ତିଗତ ବା ଘରୋଇ ସଂପତି ଉପରେ ମାଲିକାନା ହରାଇ, କର ଭାରରେ ଅତିଷ୍ଠ ହୋଇ, ଅମଲାତନ୍ତ୍ର ଦ୍ୱାରା ଅତ୍ୟାଚାରିତ ହୋଇ ହଜାର ହଜାର ସଂଖ୍ୟାରେ ରୋମ୍‌ର ନାଗରିକମାନେ ସୀମା ଅତିକ୍ରମ କରି ରାଜ୍ୟ ବାହାରକୁ ପଳାୟନ କରିବାରେ ଲାଗିଲେ। ସମ୍ରାଟ୍‌ଙ୍କ ସମାଜବାଦ ଶେଷରେ ଭୁଶୁଡ଼ି ପଡ଼ିଲା ଓ ସମ୍ରାଟ୍ ସ୍ୱେଚ୍ଛାରେ ରାଜପଦ ତ୍ୟାଗ କଲେ। ଭାରତୀୟ ଅର୍ଥନୀତି ୧୯୯୦ ଦଶକରେ ତା'ର ସମାଜବାଦୀ ଅଭିଯାନରୁ ନିବୃତ ହୋଇ ଯାତ୍ରାର ଦିଗ ପରିବର୍ତନ କରିବାରୁ ଯେ ଏଇଭଳି ଏକ ସମାଜବାଦୀ ବିପର୍ଯ୍ୟୟରୁ ରକ୍ଷା ପାଇଗଲା, ଏଥିରେ କୌଣସି ସନ୍ଦେହ ନାହିଁ। ସୁପ୍ରିମ୍ କୋର୍ଟ ତାଙ୍କ ରାୟରେ ଭାରତୀୟ ଅର୍ଥନୀତିର ଏହି ଉଦାରୀକରଣ ସମ୍ବନ୍ଧରେ ଉଲ୍ଲେଖ କରିବା ସହିତ ଏହି ପରିବର୍ତିତ ପରିସ୍ଥିତିରେ ସଂବିଧାନର ଧାରା ୩୯ (ବି)ରେ ଉଲ୍ଲେଖ ଥିବା ''ଗୋଷ୍ଠୀର ପାର୍ଥିବ ସମ୍ବଳ'' ପରିସରରୁ ଘରୋଇ ମାଲିକାନାରେ ଥିବା ସଂପତିସବୁକୁ ପ୍ରାୟ ବାଦ୍ ଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ କେବଳ ସର୍ବସାଧାରଣଙ୍କ ମଙ୍ଗଳକୁ ପ୍ରଭାବିତ କରୁଥିବା କେତେକ ବିଶେଷ

# କଲମ ସହିତ ସଂପର୍କ ଓ ପରିବେଶ

## ସତ୍ୟଭୂଷଣ ରଥ

ପୂର୍ବରୁ କଲମ ଏକ ଫିଙ୍ଗିବାଯୋଗ୍ୟ ବସ୍ତୁ ନ ଥିଲା। କାଠି କଲମରୁ ଝର କଲମ ବା ଫାଉଣ୍ଟେନ ପେନ ପର୍ଯ୍ୟନ୍ତ ଯାତ୍ରାରେ କଲମଗୁଡ଼ିକ ମନୁଷ୍ୟର ଅନ୍ତରଙ୍ଗ ସାଥୀ ଭଳି ହୋଇ ରହୁଥିଲେ। ଖରାପ ହୋଇଗଲେ ସେଗୁଡ଼ିକୁ ମରାମତି କରାଯାଉଥିଲା। ବ୍ୟବହାରଗତ ସୁବିଧା ଦୃଷ୍ଟିରୁ କାଠି କଲମକୁ ବିସ୍ଥାପନ କଲା ଫାଉଣ୍ଟେନ ପେନ ଓ ତା' ପରେ ସେହି ସମାନ କାରଣରୁ ଫାଉଣ୍ଟେନ ପେନର ସ୍ଥାନ ନେଲା ଡଟ ପେନ ବା ବଲ ପେନ। କିନ୍ତୁ କଥା ହେଲା, ସମୟ କ୍ରମେ ଆସିଗଲା 'ୟୁଜ ଏଣ୍ଡ ଥ୍ରୋ' ବଲ ପେନ ଅର୍ଥାତ୍ ବ୍ୟବହାର କର ଓ ତହିଁରେ ଥିବା କାଳି ସରିଗଲା ପରେ ତାକୁ ଫିଙ୍ଗି ଦିଅ। ସୁତରାଂ, ଏକ ନିର୍ଦ୍ଦିଷ୍ଟ କଲମ ସହିତ ମଣିଷର ଦୀର୍ଘ ସଂପର୍କର ସମ୍ଭାବନା ସରିଗଲା। ତା' ସହିତ ପ୍ଲାଷ୍ଟିକ ପ୍ରଦୂଷଣରେ ନୂତନ ଅଂଶୀଦାରର ଆବିର୍ଭାବ ଘଟିଲା; ଯଦିଓ ପ୍ଲାଷ୍ଟିକ ପ୍ରଦୂଷଣ କଥା କହିଲେ ପ୍ଲାଷ୍ଟିକ ବ୍ୟାଗ, ବୋତଲ, କପ୍, ଷ୍ଟ୍ର ଓ ପ୍ୟାକେଜିଂ ଇତ୍ୟାଦି କଥା ଉଠୁଥିବା ବେଳେ ଏ ପର୍ଯ୍ୟନ୍ତ ଫିଙ୍ଗା ଯାଉଥିବା କଲମ ଉପରେ ଧ୍ୟାନ ଯାଉନାହିଁ। ଆମ ରାଜ୍ୟରେ ହେଉଥିବା ପ୍ଲାଷ୍ଟିକ ପ୍ରଦୂଷଣର ଆକାର ସମ୍ବନ୍ଧରେ ଧାରଣା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟରୁ ମିଳେ। ତାହା ଅନୁସାରେ ୨୦୨୨-୨୩ ମସିହାରେ ୧୧୪ଟି ସହରାଂଚଳରେ ପ୍ରାୟ ୫୩,୭୯୫ ଟନ୍ ପ୍ଲାଷ୍ଟିକ ଅଳିଆ ବାହାରିଥିଲା। ଅବଶ୍ୟ, ଆମ ରାଜ୍ୟରେ ପୂର୍ବରୁ 'ଥରେ ମାତ୍ର ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ ସାମଗ୍ରୀ' ବିରୋଧରେ ନିୟମ କରାଯାଇଛି ଏବଂ ସେ ନେଇ ସଚେତନତା ସୃଷ୍ଟି ମଧ୍ୟ କରାଯାଉଛି। ତଥାପି, ଜୁଲାଇ ୨୦୨୨ରେ କାର୍ଯ୍ୟକାରୀ ହୋଇଥିବା 'ଜାତୀୟ ନିଷେଧ କଟକଣାଭୁକ୍ତ' ପ୍ଲାଷ୍ଟିକ ସାମଗ୍ରୀ ତାଲିକାରେ କଲମ ନାହିଁ। ଅଥଚ, ୨୦୨୫ ମସିହାରେ ଶିକ୍ଷା ସହିତ ସଂପର୍କିତ ଏକ ଅଧ୍ୟୟନ ଆକଳନ କରିଥିଲା ଯେ ଭାରତରେ ବାର୍ଷିକ ପ୍ରାୟ ୪୯,୯୨୦ କୋଟି ବଲ ପେନ ନଷ୍ଟ ହୋଇଥାଏ। ଏଥିରେ ସାମିଲ ଉତରଦାତାଙ୍କ ମଧ୍ୟରୁ ୯୭% କହିଥିଲେ ଯେ ସେମାନେ ବଲ ପେନରେ ରିଫିଲ ନ ଭରି ନୂଆ ବଲ ପେନ ନିଅନ୍ତି। ଏହାର ଅର୍ଥ 'ୟୁଜ ଏଣ୍ଡ ଥ୍ରୋ' ସକାଶେ ଉଦ୍ଦିଷ୍ଟ ହୋଇ ନ ଥିବା ବଲ ପେନଗୁଡ଼ିକୁ ମଧ୍ୟ ଥରେ ମାତ୍ର ବ୍ୟବହାର କରି ଫୋପାଡ଼ି ଦିଆଯାଉଛି! ଏହା ନିଶ୍ଚିତ ଭାବେ ଉଦ୍‌ବେଗର ବିଷୟ। ଏବଂ ଏହି ସର୍ବେକ୍ଷଣରୁ ଜଣା ପଡ଼ିଥିବା ବିସ୍ମୟକର ବିଷୟଟି ହେଲା ଉପରୋକ୍ତ ୯୭% ମଧ୍ୟ ଝର କଲମ ବା ଫାଉଣ୍ଟେନ ପେନର ପୁନଃ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ଏହାର ଅର୍ଥ ସେମାନେ ପ୍ଲାଷ୍ଟିକ ପ୍ରଦୂଷଣ କଥା ବୁଝନ୍ତି, କିନ୍ତୁ 'ବ୍ୟବହାର ପରେ ଫିଙ୍ଗି ଦେଉଥିବା' ଅଭ୍ୟାସର ଦାସ ହୋଇଯାଇଛନ୍ତି। ଅବଶ୍ୟ, ଏହାର ଅର୍ଥ ନୁହେଁ ଯେ ବଲ ପେନଗୁଡ଼ିକ ଅଦୃଶ୍ୟ। ଅନେକ ପରିସ୍ଥିତିରେ ବଲ୍ ପେନଗୁଡ଼ିକ ସୁବିଧାଜନକ ଓ ଅତ୍ୟାବଶ୍ୟକ ହୋଇଥାଆନ୍ତି। ତେଣୁ ଏକ ବାସ୍ତବବାଦୀ ପ୍ରସ୍ତାବ ହେଲା, ଥରେ ବ୍ୟବହାର କଲା ପରେ ବଲ ପେନଗୁଡ଼ିକୁ ତ୍ୟାଜ୍ୟ କରି ନ ଦେଇ ତହିଁରେ ରିଫିଲ ପୂରାଇ ବ୍ୟବହାର କରିବାର ଆଗ୍ରହ ଓ ଅଭ୍ୟାସ ବଢୁ। 'ୟୁଡିଆଇଏସ୍‌ଇ ପ୍ଲସ'ର ତଥ୍ୟ ଅନୁଯାୟୀ ୨୦୨୪-୨୫ରେ ଓଡ଼ିଶାରେ ପ୍ରାୟ ୬୧,୫୬୫ ସ୍କୁଲ ଏବଂ ୭୬.୪ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଛନ୍ତି। ସେମାନଙ୍କ ମଧ୍ୟରେ ପ୍ଲାଷ୍ଟିକ ପ୍ରଦୂଷଣ ସଂପର୍କିତ ସଚେତନତା ସୃଷ୍ଟି କରି ଏକ ପାଇଲଟ ପ୍ରକଳ୍ପ କରାଯିବା ଆବଶ୍ୟକ, ଯେଉଁଠି ଫାଉଣ୍ଟେନ ପେନର ପୁନଃ ପ୍ରଚଳନ ମହତ୍ୱ ପାଇବ। ୨୦୨୫ ମସିହା, ମାର୍ଚ୍ଚ ମାସରେ ଆବର୍ଜନା ହ୍ରାସ କରିବା ପାଇଁ ତିରୁଚିରାପଲ୍ଲୀ କର୍ପୋରେସନ ପକ୍ଷରୁ ୩୦୦ ପୌର-ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଫାଉଣ୍ଟେନ ପେନର ପ୍ରଚଳନ ଦିଗରେ ପ୍ରୟାସ କରାଯାଇଥିଲା। କେରଳର ରାଜଧାନୀ ତିରୁଅନନ୍ତପୁରମରେ 'ଗ୍ରିନ ଚାମ୍ପସ: ଇଙ୍କ ସିଫ୍‌ଟ' ପକ୍ଷରୁ ମଧ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାନ ଉଦ୍ୟମ କରାଯାଇଛି। ଆମ ରାଜ୍ୟରେ ମଧ୍ୟ ଏଭଳି ପରିବେଶ ଅନୁକୂଳ ଅଭିଯାନ କାର୍ଯ୍ୟକାରୀ କରାଯିବା ଉଚିତ। ଫାଉଣ୍ଟେନ ବ୍ୟବହାର ପରିପ୍ରେକ୍ଷୀରେ ଯେଉଁ ପ୍ରାରମ୍ଭିକ ସମସ୍ୟା ଦେଖାଯିବ, ତାହା ହେଲା ବଜାରରେ ସ୍ୟାହି ଓ ନିବ ଆଦିର ଉପଲବ୍ଧତା ଏବଂ ସ୍ୟାହିର ବ୍ୟବହାର କଲାବେଳେ ସତର୍କତା ଅବଲମ୍ବନ, ଯେମିତି କାଳିର ରଙ୍ଗ ଦ୍ୱାରା ଛାତ୍ରଛାତ୍ରୀଙ୍କ ପୋଷାକପତ୍ରରେ ଦାଗ ନ ଲାଗେ। ତେଣୁ, ଘରେ ଅଭିଭାବକ ଏବଂ ସ୍କୁଲରେ ଶିକ୍ଷକମାନେ ଏ ଦିଗରେ ବିଶେଷ ଧ୍ୟାନ ଦେବା ଉଚିତ। ଏହା ମଧ୍ୟ ଏକ ବ୍ୟାବହାରିକ ବାସ୍ତବତା ଯେ ଫାଉଣ୍ଟେନ ପେନ ବ୍ୟବହାର ଆର୍ଥିକ ଦୃଷ୍ଟିରୁ ମଧ୍ୟ ଶସ୍ତା ହେବ। ପୂର୍ବ ପିଢ଼ିର ଯେଉଁମାନେ ଫାଉଣ୍ଟେନ ପେନ ସହିତ ବଢ଼ିଛନ୍ତି, ସେମାନେ ସାକ୍ଷ୍ୟ ଦେବେ କିଭଳି ଏହା ଫଳରେ କଲମ ସହିତ ଛାତ୍ରଛାତ୍ରୀମାନଙ୍କ ସଂପର୍କ ଘନିଷ୍ଠ ଓ ଜୈବିକ ହୋଇ ଉଠୁଥିଲା। କଲମଟିଏ ହଜିଗଲେ ଖାଇବା ନ ରୁଚିବା, ତାକୁ ବାରମ୍ବାର ଖୋଜିବା ଓ ଝୁରି ହେବା ବିଷୟ ଆଜିର ପିଲାମାନଙ୍କୁ କାଳ୍ପନିକ କାହାଣୀ ଭଳି ଲାଗିପାରେ! କିନ୍ତୁ ସଂପର୍କର ସ୍ଥାୟିତ୍ୱ ବିଷୟ ବୁଝିବା ଲାଗି ତାହା ହିଁ ଥିଲା ମୂଳ ପାଠ। ତେଣୁ କେବଳ ପରିବେଶ ପ୍ରଦୂଷଣରୁ ମୁକ୍ତି ପାଇବା ନୁହେଁ, କଲମ ସହିତ ଅତୀତର ସେହି ଜୈବିକ ସଂପର୍କକୁ ପୁନରାବିଷ୍କାର କରିବାରେ ଆମ ପିଲାମାନେ ଯଦି ସମର୍ଥ ହେବେ, ତାହା ମଧ୍ୟ ଏକ ବଡ଼ ଉପଲବ୍ଧି ହେବ।

# ସରସ ରସ : ଅନ୍ଧଭକ୍ତ ଓ ଚକ୍ଷୁଷ୍ମାନ୍ ସମାଲୋଚକ

## ସୁଭାଷ ପଟ୍ଟନାୟକ

ସମାଜିକ ଗଣମାଧ୍ୟମରେ ସଂପ୍ରତି ଯେଉଁ ଆକ୍ଷେପାତ୍ମକ ଶବ୍ଦଟି ବହୁଳ ବ୍ୟବହୃତ, ତାହା ହେଉଛି 'ଅନ୍ଧଭକ୍ତ'। ଶବ୍ଦଟି ସେଇମାନଙ୍କ ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଉଛି ଯେଉଁମାନେ ବିନା କିଛି ତର୍ଜମାରେ, ନିଜର ବିଚାରବୁଦ୍ଧି ପ୍ରୟୋଗ ନକରି ଅନ୍ୟ ଗୋଟିଏ ଚିନ୍ତାଧାରାକୁ ବା ଜଣେ ବ୍ୟକ୍ତିର କାର୍ଯ୍ୟକୁ ଠିକ୍ ବୋଲି ଗ୍ରହଣ କରି ନିଅନ୍ତି। ଏ ଆକ୍ଷେପ ଯେଉଁମାନେ କରନ୍ତି ସେମାନେ ତଥାକଥିତ ଅନ୍ଧଭକ୍ତମାନଙ୍କର ବିଶ୍ୱାସ ଓ ବିଚାର ଠାରୁ ସଂପୂର୍ଣ୍ଣ ବିପରୀତ ମତ ରଖିଥାନ୍ତି। ଅର୍ଥାତ୍, ତଥାକଥିତ ଅନ୍ଧଭକ୍ତମାନଙ୍କର ବିଶ୍ୱାସକୁ ସେମାନେ ବିନା କିଛି ତର୍ଜମା ଓ ବିଶ୍ଳେଷଣରେ ବିରୋଧ କରନ୍ତି ଏବଂ ତାହାର ବିପରୀତ ମତକୁ ଠିକ୍ ବୋଲି ଦର୍ଶାଇଥାନ୍ତି। ତେଣୁ ତାର୍କିକ ବିଚାରରେ ଉଭୟ ମତବାଦୀ ପରସ୍ପର ପାଇଁ ଅନ୍ଧଭକ୍ତ। ଅତଏବ ଆମେ କେହି ଚକ୍ଷୁଷ୍ମାନ୍ ନୁହନ୍ତି। ଆଜିର ଆଲୋଚନା ଆମର ଏ 'ଅନ୍ଧଭକ୍ତି'କୁ ନେଇ। ମନସ୍ତତ୍ତ୍ୱରେ ଗୋଟିଏ କଥା ଅଛି, 'ନିଶ୍ଚିତତାର ବିଭ୍ରାନ୍ତି' ବା 'କନଫର୍ମେସନ ବାଏସ୍'। ମନ ଆମର ଯେଉଁ ସବୁ କଥାକୁ ପସନ୍ଦ କରେ ତା' ପାଇଁ ବିଶ୍ୱାସର ଦ୍ୱାର ଉନ୍ମୁକ୍ତ କରିଦିଏ ମାତ୍ର ଯାହା ଆମର ପସନ୍ଦ ନୁହେଁ ତା' ପାଇଁ ସମାଲୋଚକ ପାଲଟିଯାଏ। ତେଣୁ ଆମେ ଦୁନିଆକୁ ତା'ର ସଂପୂର୍ଣ୍ଣ ବସ୍ତୁନିଷ୍ଠତା ଆଧାରରେ ନଦେଖି ସେଥିପ୍ରତି ଆମ ମନରେ ଥିବା ଭ୍ରାନ୍ତି ବା କନଫର୍ମେସନ୍ ବାଏସ୍ ଆଧାରରେ ଦେଖିଥାଉ। ଯଦି ଆମେ କୌଣସି କଥାକୁ ବିଶ୍ୱାସ କରିବାକୁ ଚାହିଁଥାଉ ତେବେ ତତ୍ ସଂପର୍କିତ ସୂଚନାକୁ ଗୋଟିଏ ରୀତିରେ ବିଶ୍ଳେଷଣ କରୁ ମାତ୍ର ବିଶ୍ୱାସ କରିବାକୁ ଚାହୁଁ ନଥିଲେ ଭିନ୍ନ ଉପାୟରେ ବ୍ୟାଖ୍ୟା କରୁ। ଅର୍ଥାତ୍ ବିଶ୍ୱାସ କରିବା ବା ନକରିବା ତଥ୍ୟ ପ୍ରମାଣ ଉପରେ ନିର୍ଭର ନକରି ନିର୍ଭର କରେ ଆମର ମାନସିକତା ଉପରେ। କେବେ ଚିନ୍ତା କରିଛନ୍ତି କି, କୌଣସି ଏକ କ୍ଷେତ୍ରରେ ବିଶ୍ୱାସର ମୂଳ ଆଧାରଟି ଏକ ହୋଇଥିବା ସତ୍ତ୍ୱେ ଆପଣ ତାହା ବିଶ୍ୱାସ କଲାବେଳେ ଅନ୍ୟ ଜଣେ ଅବିଶ୍ୱାସ କରେ କେମିତି? ଏହାର ଉତ୍ତର ରହିଛି, ଆମେ ବିଷୟଟିକୁ କେଉଁ ଦୃଷ୍ଟିଭଙ୍ଗୀରେ ଦେଖୁଛୁ ତା' ଉପରେ। ବିଶ୍ୱାସ ଅଥବା ଅବିଶ୍ୱାସର ପ୍ରଶ୍ନ ଆସିଲେ ଆମେ ନିଜର ମନକୁ ଦୁଇଟି ପ୍ରଶ୍ନ ପଚାରିଥାଉ। ଗୋଟିଏ ହେଉଛି, "ମୁଁ ଏକଥାକୁ ବିଶ୍ୱାସ କରିବି ତ"? ଏବଂ ଅନ୍ୟ ପ୍ରଶ୍ନଟି ହେଲା, "କ'ଣ ମତେ ସତରେ ଏ କଥାକୁ ବିଶ୍ୱାସ କରିବାକୁ ହେବ"? ପ୍ରଥମ ପ୍ରଶ୍ନଟି ଆସେ ବିଶ୍ୱାସ କରିବାର ଇଚ୍ଛା ଥିଲେ। ସାମାନ୍ୟ କିଛି ଯୁକ୍ତିକୁ ମନ ଆମର ପ୍ରମାଣ ଭାବରେ ଥୋଇଦେଇ କଥାଟିକୁ ବିଶ୍ୱାସ କରିନିଏ। କିନ୍ତୁ ବିଶ୍ୱାସ କରିବାକୁ ଚାହୁଁ ନଥିଲେ ଦ୍ୱିତୀୟ ପ୍ରଶ୍ନଟି ମନକୁ ଆସେ। ମନ ଆମର ଉତ୍ତର ପାଇଁ ଯୁକ୍ତି ଖୋଜି ବୁଲେ ଏବଂ ପରିଶେଷରେ କିଛି ଯୁକ୍ତି ଦର୍ଶାଇ କଥାଟିକୁ ବିଶ୍ୱାସ ନକରି ପ୍ରତ୍ୟାଖ୍ୟାନ କରିଦିଏ। ଆମେ ସମସ୍ତେ ଏହିପରି ନିଶ୍ଚିତତାର ବିଭ୍ରାନ୍ତିରେ ସର୍ବଦା ପଡ଼ିଥାଉ। ଗୋଟିଏ ଛୋଟ ଉଦାହରଣ: ଆପଣ ଜାଣନ୍ତି ଗଞ୍ଜେଇ ସେବନ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ। ଯଦି ଆପଣ ଖବର ପାଇଲେ ଗଞ୍ଜେଇ ସ୍ୱାସ୍ଥ୍ୟ ପ୍ରତି ହିତକର, ତତ୍‌କ୍ଷଣାତ୍ ମନକୁ ଆପଣ ଦ୍ୱିତୀୟ ପ୍ରଶ୍ନଟି ହିଁ ପଚାରିବେ। କାରଣ ଆପଣଙ୍କ ମନ ପୂର୍ବରୁ ଗଞ୍ଜେଇ କ୍ଷତିକାରକ ବୋଲି ବିଶ୍ୱାସ କରିଆସିଛି। ମନର ଏ ବିଶ୍ୱାସ ସଂକଟ ହେଉଛି 'ମୋଟିଭେଟେଡ୍ ରିଜନିଂ' ବା ପ୍ରେରିତ ତର୍କ। ପ୍ରେରିତ ତର୍କ ଏକ ମାନସିକ ଅଭ୍ୟାସ ଯେଉଁଥିରେ ଆମ ମସ୍ତିଷ୍କ ନିଜର ପୂର୍ବ ନିର୍ଦ୍ଧାରିତ ବିଶ୍ୱାସ ଆଧାରରେ ତଥ୍ୟର ପକ୍ଷପାତପୂର୍ଣ୍ଣ ପ୍ରକ୍ରିୟାକରଣ କରିଥାଏ। ପ୍ରେରିତ ତର୍କର ପ୍ରଭାବରୁ ଅସତ୍ୟ କଥାକୁ ମଧ୍ୟ ଆମେ ସହଜରେ ବିଶ୍ୱାସ କରିନେଉ, ଫଳ ସ୍ୱରୂପ ସମାଜରେ ନାନାବିଧ ସଂକଟର ସୂତ୍ରପାତ ହୋଇଥାଏ। ଭିଡ଼ ହିଂସା ଏବଂ ଗଣମାଧ୍ୟମର ମିଥ୍ୟା ରିପୋର୍ଟ ଆଧାରରେ ଗଣଆନ୍ଦୋଳନ ଏ ସବୁର ଉଦାହରଣ। ରାଜନୈତିକ ଦଳମାନେ 'ମୋଟିଭେଟେଡ୍ ରିଜନିଂ' ବଳରେ ଭୋଟରଙ୍କୁ ସହଜରେ ପ୍ରଭାବିତ କରିଥାନ୍ତି। ମନୁଷ୍ୟ ନିଜକୁ ଯେତେ ଯୁକ୍ତିଯୁକ୍ତ ଓ ବସ୍ତୁନିଷ୍ଠ ଭାବିଲେ ମଧ୍ୟ ଅନେକ ସମୟରେ ସେ ଶୁଣାକଥା ଓ ସହଜଲବ୍ଧ ଜ୍ଞାନରେ ବୁଡ଼ିରହି ବିଭ୍ରାନ୍ତିର ଶିକାର ହୋଇଯାଏ। ସୂଚନାର ଭୁଲ୍ ପ୍ରକ୍ରିୟାକରଣ ଓ ନିଷ୍ପତ୍ତିରେ ତ୍ରୁଟି ରହିବାର କାରଣ ହେଉଛି ଆମ ମନର ମୋଟିଭେଟେଡ୍ ରିଜନିଂ। ମନର ବିଭ୍ରାନ୍ତିକୁ ସୁଧାରି ହେବ କେମିତି? ଏହା ସମ୍ଭବ ହେବ ଯେତେବେଳେ ଆମେ ନିଜର ଭ୍ରମାତ୍ମକ ବିଶ୍ୱାସକୁ ଚିହ୍ନଟ କରି ତା'ର ପୁଷ୍ଟିଗତ ବିଭ୍ରାନ୍ତିକୁ ଜାଣିପାରିବା। କୌଣସି କଥାକୁ ବିଶ୍ୱାସ କରିବା ପୂର୍ବରୁ ତାକୁ ଅବିଶ୍ୱାସ କରିବା ନିମନ୍ତେ ଥିବା ତର୍କଗୁଡ଼ିକୁ ପ୍ରଥମେ ତର୍ଜମା କରନ୍ତୁ। ଠିକ୍ ସେମିତି ଅବିଶ୍ୱାସ କରିବା ପୂର୍ବରୁ ବିଶ୍ୱାସ କରିବାର ତର୍କମାନ ବିଶ୍ଳେଷଣ କରନ୍ତୁ। ସେମିତି ହେଲେ 'ମୋଟିଭେଟେଡ୍ ରିଜନିଂ'ଠାରୁ ମନକୁ ଦୂରେଇ ରଖିହେବ। କୌଣସି ଏକ ତର୍କରେ ଜିତିବା ଅପେକ୍ଷା ତା'ର ସତ୍ୟତା ଜାଣିବାର ଚେଷ୍ଟା କରିବା ପ୍ରାଥମିକ କର୍ତବ୍ୟ। ନିଜର ଭାବନାକୁ 'ସୈନିକର ଭାବନା' ପରି ଆତ୍ମରକ୍ଷାରେ ବ୍ୟବହାର ନକରି ଏକ 'ସ୍କାଉଟର ଚିନ୍ତାଧାରା' ପରି ସତ୍ୟର ଅନ୍ୱେଷଣରେ ବିନିଯୋଗ କରିବା ଉଚିତ। କୌଣସି ଏକ କଥାକୁ ବିଶ୍ୱାସ କରିବା ବା ନକରିବା ଏକ ସ୍ୱେଚ୍ଛାକୃତ ମାନସିକ ପ୍ରକ୍ରିୟା। ମନର ଅବସ୍ଥା ଓ ଆମର ବିଷୟଟି ପ୍ରତି ଦୃଷ୍ଟିକୋଣ ଉପରେ ତାହା ନିର୍ଭରଶୀଳ। ଶୁଣା କଥା, ଗୋଷ୍ଠୀ ଓ ସାଥି ମାନଙ୍କର ପ୍ରରୋଚନା ମଧ୍ୟ ବିଶ୍ୱାସକୁ ପ୍ରଭାବିତ କରିଥାଏ। ଦୁନିଆକୁ ପ୍ରତ୍ୟେକ ବ୍ୟକ୍ତି ନିଜ ଦୃଷ୍ଟିକୋଣରୁ ଦେଖିଥାନ୍ତି। କଥାଟିଏ ବିଶ୍ୱାସ କରିବାର ଅର୍ଥ ତା' ମାଧ୍ୟମରେ ମନକୁ ଦୁନିଆ ସହିତ ପରିଚିତ କରାଇବା। ତେଣୁ ବସ୍ତୁନିଷ୍ଠ ବିଶ୍ୱାସ ସମସ୍ତଙ୍କର ସମାନ ନହୋଇପାରେ। ବିଶ୍ୱାସକୁ ନିଜର ଅଧିକାର ଭାବିନେଲେ ହିଁ ସମସ୍ୟା ସୃଷ୍ଟିହୁଏ। ଆମେ, ଅନ୍ଧଭକ୍ତମାନଙ୍କ ଉଦ୍ଦେଶ୍ୟରେ ଯଥାର୍ଥରେ ଜଣେ କବି ଲେଖିଛନ୍ତି: "ଅନ୍ଧେ ନିକାଲତେ ହେଁ ଚେହେରେ ସେ ମେରେ ନୁକ୍ସ / ବହରୋଁ କୋ ଶିକାୟତ୍ ହୈ କି ଗଲତ୍ ବୋଲତା ହୁଁ ମୈ"। ଏଠି ଅନ୍ଧମାନେ ଚେହେରାରୁ ମୋର ଖୁଣ ବାଛୁଛନ୍ତି, ଆଉ ବଧିର କହୁଛି ମୁଁ ଯାହା କହୁଛି ଭୁଲ୍ କହୁଛି।

# ଢିଙ୍କିଶାଳରୁ ଢେଙ୍କାନାଳ: ''ଗାନ୍ଧୀ'' ବଦଳରେ ''ରାମ''




ଶୁକ୍ରବାର ଦିନ ସଂସଦର ଶୀତକାଳୀନ ଅଧିବେଶନ ଶେଷ ହେବାର ଅବ୍ୟବହିତ ପୂର୍ବରୁ ବିରୋଧୀ ଦଳଙ୍କ ତୀବ୍ର ପ୍ରତିବାଦ ମଧ୍ୟରେ ପ୍ରସ୍ତାବିତ ''ବିକଶିତ ଭାରତ: ରୋଜଗାର ଓ ଆଜୀବିକା ମିସନ (ଗ୍ରାମୀଣ)'' - ସଂକ୍ଷେପରେ ''ଭିବି: ଜି ରାମ ଜି'' - ବିଧେୟକ ଉଭୟ ଲୋକସଭା ଓ ରାଜ୍ୟସଭାରେ ପାରିତ ହୋଇଗଲା। ୟୁପିଏ ସରକାରଙ୍କ ଅମଳରେ ୨୦୦୫ ମସିହାରେ ପ୍ରଣୀତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ସଂକ୍ଷେପରେ ''ନରେଗା'') ବଦଳରେ ଲାଗୁ କରାଯାଉଥିବା ଏହି ନୂଆ ଆଇନଟିକୁ କେବଳ ବିରୋଧୀ ଦଳ ନୁହେଁ, ଦେଶର ଅନେକ ବୁଦ୍ଧିଜୀବୀ, ନାଗରିକ ସଂଗଠନ ଓ ଶ୍ରମିକଙ୍କ ଅଧିକାର ପାଇଁ କାର୍ଯ୍ୟ କରୁଥିବା ଅନୁଷ୍ଠାନ ମଧ୍ୟ ବିରୋଧ କରୁଛନ୍ତି। ନୂଆ ଆଇନରେ ଥିବା ବ୍ୟବସ୍ଥାକୁ ଅନୁଧ୍ୟାନ କଲେ ଏଥିରେ କୌଣସି ସନ୍ଦେହ ରହିବ ନାହିଁ ଯେ ଏଭଳି ବ୍ୟାପକ ବିରୋଧର ଏକ ବଳିଷ୍ଠ ଆଧାର ଅଛି। ନୂଆ ଆଇନର ସବୁଠାରୁ ଆପତ୍ତିଜନକ ଦିଗଟି ହେଉଛି ଏହା ଗ୍ରାମାଂଚଳର ଗରିବ ଲୋକଙ୍କର ଆଇନପ୍ରଦତ ଅଧିକାରକୁ ଛଡ଼ାଇ ନେଇ ସେମାନଙ୍କୁ ଅନ୍ୟ ଅନେକ ସରକାରୀ ଯୋଜନା ପରି ''ଲାଭାର୍ଥୀ''ରେ ପରିଣତ କରୁଛି। ଉଲ୍ଲେଖଯୋଗ୍ୟ ଯେ ସଂବିଧାନର ଡିରେକ୍‌ଟିଭ ପ୍ରିନ୍‌ସିପଲ୍‌ସ ଅଫ୍ ଷ୍ଟେଟ୍ ପଲିସି (ରାଷ୍ଟ୍ରୀୟ ନୀତି ପାଇଁ ନିର୍ଦ୍ଦେଶାବଳୀ)ରେ ସନ୍ନିବେଶିତ କେନ୍ଦ୍ର ସରକାରଙ୍କ ଦ୍ୱାରା କରଣୀୟ କାର୍ଯ୍ୟାବଳୀର ବିସ୍ତୃତ ସୂଚୀରେ ଅନ୍ୟତମ ହେଉଛି ଅନୁଚ୍ଛେଦ ୩୯(କ) ଓ ୪୧, ଯାହା ଦେଶର ପ୍ରତ୍ୟେକ ବ୍ୟକ୍ତିକୁ ଜୀବିକା ପାଇଁ ଆବଶ୍ୟକ ସାଧନ ଯୋଗାଇ ଦେବା ଓ ରୋଜଗାର ଅଧିକାର ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦିଏ। ସଂବିଧାନ ପ୍ରଣୀତ ହେବାର ଦୀର୍ଘ ୫୫ ବର୍ଷ ପରେ ସୀମିତ ଭାବରେ ହେଉ ପଛେ ''ନରେଗା'' ଆଇନ ଏହି ନିର୍ଦ୍ଦେଶ ପାଳନ କରିବାର ଚେଷ୍ଟା କରିଥିଲା। ନୂଆ ଆଇନଟି ସାଧାରଣ ନାଗରିକ ଠାରୁ ଏହି ବହୁମୂଲ୍ୟ ଅଧିକାର ଛଡ଼ାଇ ନେଇ ତାକୁ କେନ୍ଦ୍ର ସରକାରଙ୍କ ନିକଟରେ ଭିକ୍ଷାଥାଳ ଧରି ଠିଆ କରିଦେଇଛି। ''ନରେଗା''ରେ ଥିବା ବ୍ୟବସ୍ଥାରେ ଦେଶର ଯେ କୌଣସି ଅଂଚଳର ଜଣେ ନାଗରିକ ବର୍ଷର ଯେ କୌଣସି ସମୟରେ ସରକାରଙ୍କ ଠାରୁ କର୍ମନିଯୁକ୍ତି ଦାବି କରିପାରିବ ଓ ସରକାର ୧୫ ଦିନ ମଧ୍ୟରେ ସେହି ବ୍ୟକ୍ତିଙ୍କୁ ରୋଜଗାର ଯୋଗାଇ ଦେବାକୁ ବାଧ୍ୟ। ଏହି ଅବଧି ମଧ୍ୟରେ କର୍ମନିଯୁକ୍ତି ଯୋଗାଇ ଦେଇ ନ ପାରିଲେ ସରକାର ସେହି ବ୍ୟକ୍ତିଙ୍କୁ ''ନରେଗା''ରେ ନିର୍ଦ୍ଧାରିତ ମଜୁରି ଅନୁଯାୟୀ କ୍ଷତିପୂରଣ ଦେବାକୁ ବାଧ୍ୟ। ପୁରୁଣା ଆଇନରେ ନା ଥିଲା କୌଣସି ଯୋଗ୍ୟତାର ମାପକାଠି ନା କୌଣସି ଖର୍ଚ୍ଚ ସୀମା। ଜଣେ ବ୍ୟକ୍ତି ଯେତେବେଳେ ଓ ଯେତେଦିନ ପାଇଁ (ବର୍ଷକୁ ସର୍ବାଧିକ ୧୦୦ ଦିନ) ଚାହିଁବ, ସେତେବେଳେ ଓ ସେତିକି ଦିନ ପାଇଁ ରୋଜଗାର ଯୋଗାଇ ଦେବାକୁ ସରକାର ବାଧ୍ୟ। କିନ୍ତୁ ''ଜି ରାମ ଜି'' ଆଇନର ଧାରା ୫(୧) ଅନୁସାରେ ରାଜ୍ୟ ସରକାରମାନେ କେବଳ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞାପିତ ଗ୍ରାମୀଣ ଅଂଚଳରେ ହିଁ ଲୋକଙ୍କୁ ରୋଜଗାର ଯୋଗାଇ ଦେଇପାରିବେ। ଅର୍ଥାତ୍ ମାସ (୬୦ ଦିନ) ପାଇଁ ଏହି ଯୋଜନା ସ୍ଥଗିତ ରହିବ। ଅର୍ଥାତ୍ ଚାଷ ଋତୁରେ ଜଣଙ୍କର ଆବଶ୍ୟକତା ଥିଲେ ମଧ୍ୟ ସେ କର୍ମନିଯୁକ୍ତି ପାଇପାରିବ ନାହିଁ। ପୂର୍ବ ଆଇନରେ ବ୍ୟବସ୍ଥା ଥିଲା ଯେ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ସମ୍ପୃକ୍ତ ଅଂଚଳରେ କି କାର୍ଯ୍ୟ ହେବ, ତାହା ଗ୍ରାମସଭା ନିର୍ଦ୍ଧାରଣ କରିବ। କିନ୍ତୁ ନୂଆ ଆଇନର ଅନୁଚ୍ଛେଦ ୧ର ଧାରା ୬(୪) ଗ୍ରାମସଭା ଠାରୁ ଏହି କ୍ଷମତା ଛଡ଼ାଇ ନେଇଛି। ଏବେ କେଉଁ କାର୍ଯ୍ୟ ହାତକୁ ନିଆଯାଇ ପାରିବ, ସେ ନେଇ ରାଜ୍ୟ ସରକାର, ଜିଲ୍ଲା ଓ ପଚାଂୟତିରାଜ ଅନୁଷ୍ଠାନମାନଙ୍କୁ କେନ୍ଦ୍ର ସରକାର ''ଦିଗ୍‌ଦର୍ଶନ'' ଦେବେ। ଏଥିରେ ସନ୍ଦେହ ନାହିଁ ଯେ ଏହି ବିଲ୍ ପଚାଂୟତିରାଜ ଅନୁଷ୍ଠାନମାନଙ୍କୁ ଯୋଜନା ପ୍ରଣୟନ ଓ ରୂପାୟନର ଅଧିକାର ପ୍ରଦାନ କରୁଥିବା ସଂବିଧାନର ୭୩ତମ ସଂଶୋଧନ ପଛରେ ଥିବା କ୍ଷମତାର ବିକେନ୍ଦ୍ରୀକରଣର ମୂଳ ଉଦ୍ଦେଶ୍ୟକୁ ସମ୍ପୂର୍ଣ୍ଣ ପଣ୍ଡ କରିଦେବ। ମୋଟାମୋଟି ଭାବେ ଦେଖିଲେ ନୂଆ ଆଇନଟି ଏକ ଅଧିକାରସର୍ବସ୍ୱ, ଚାହିଦାଭିତ୍ତିକ, ତୃଣମୂଳସ୍ତରୀୟ ଯୋଜନାକୁ ସମ୍ପୂର୍ଣ୍ଣ ଭାବେ କେନ୍ଦ୍ର ସରକାରଙ୍କ ମର୍ଜି ପାଖରେ ବନ୍ଧା ପକାଇ ଦେଉଛି। କେନ୍ଦ୍ର ସରକାରଙ୍କ ''ଦାଦାଗିରି'' କେବଳ ଏତିକିରେ ସୀମିତ ରହିନାହିଁ। ''ନରେଗା''ରେ ଥିବା ବ୍ୟବସ୍ଥାରେ ଏହି ଯୋଜନାରେ ମଜୁରି ବାବଦକୁ ହେଉଥିବା ସମୁଦାୟ ଖର୍ଚ୍ଚ ଓ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ବାବଦକୁ ହେଉଥିବା ଖର୍ଚ୍ଚର ୭୫% କେନ୍ଦ୍ର ସରକାର ବହନ କରୁଥିଲେ। ବ୍ୟାବହାରିକ ଦୃଷ୍ଟିରୁ ଦେଖିଲେ ''ନରେଗା''ରେ ହେଉଥିବା ସମୁଦାୟ ଖର୍ଚ୍ଚ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ୯୦:୧୦ ଅନୁପାତରେ ବହନ କରୁଥିଲେ। ଏବେ କିନ୍ତୁ କେବଳ ଉତର-ପୂର୍ବ ରାଜ୍ୟ, ହିମାଳୟ ପାଦଦେଶରେ ଥିବା ଉତରାଂଚଳ, ହିମାଚଳ ପ୍ରଦେଶ ଓ ଜମ୍ମୁ-କାଶ୍ମୀର ରାଜ୍ୟ ଏବଂ କେତୋଟି ନିର୍ଦ୍ଦିଷ୍ଟ କେନ୍ଦ୍ରଶାସିତ ଅଂଚଳ ବ୍ୟତୀତ ଅନ୍ୟ ସବୁ ରାଜ୍ୟଙ୍କୁ ମୋଟ ଖର୍ଚ୍ଚର ୪୦% ବହନ କରିବାକୁ ପଡ଼ିବ। କହିବା ବାହୁଲ୍ୟ ଓଡ଼ିଶା, ଝାଡ଼ଖଣ୍ଡ ଓ ବିହାର ଭଳି ଗରିବ ଓ ଦାଦନପ୍ରବଣ ରାଜ୍ୟମାନଙ୍କ ଉପରେ ଏହା ଗୁରୁତର ଆର୍ଥିକ ବୋଝ ଲଦିଦେବ। ରାଜ୍ୟମାନେ ଏହି ବର୍ଦ୍ଧିତ ବୋଝ ସମ୍ଭାଳି ନ ପାରିଲେ ସେଠାକାର କର୍ମଜୀବୀ ଲୋକେ ସ୍ଥାନୀୟ ଅଂଚଳରେ ଆଉ କାମ ପାଇବେ ନାହିଁ ଏବଂ ଦାଦନ ସମସ୍ୟା ଆହୁରି ଗୁରୁତର ଆକାର ଧାରଣ କରିବ। ନୂଆ ବିଲ୍ ସପକ୍ଷରେ ଯୁକ୍ତି ବାଢ଼ିବାକୁ ଯାଇ କେନ୍ଦ୍ର ସରକାର କହୁଛନ୍ତି ଯେ ''ନରେଗା''ରେ ବାର୍ଷିକ ମାତ୍ର ୧୦୦ ଦିନ ପାଇଁ କର୍ମନିଯୁକ୍ତି ଯୋଗାଇ ଦେବାର ବ୍ୟବସ୍ଥା ଥିଲାବେଳେ ନୂଆ ଆଇନରେ ଲୋକଙ୍କୁ ବାର୍ଷିକ ୧୨୫ ଦିନ ରୋଜଗାର ଯୋଗାଇ ଦିଆଯିବ। କିନ୍ତୁ ଗତ ୫ ବର୍ଷ ମଧ୍ୟରେ ''ନରେଗା''ରେ ଯୋଗାଇ ଦିଆଯାଇଥିବା ସମୁଦାୟ ରୋଜଗାର ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ କେବଳ କୋଭିଡ୍ ବର୍ଷ (୨୦୨୦-୨୦୨୧ ଆର୍ଥିକ ବର୍ଷ)ରେ ମାତ୍ର ୯.୫% ପରିବାର (ପ୍ରାୟ ୭୨ ଲକ୍ଷ) ହିଁ ବର୍ଷକୁ ୧୦୦ ଦିନ କାମ ଲୋଡ଼ିଥିଲେ। ଗତ ଦୁଇ ବର୍ଷ ମଧ୍ୟରେ ମାତ୍ର ୭% ପରିବାର ଉପଲବ୍ଧ ସମୁଦାୟ ୧୦୦ ଦିନ କର୍ମନିଯୁକ୍ତିର ଉପଯୋଗ କରିଥିଲେ। ଏହି ପୃଷ୍ଠଭୂମିରେ ନୂଆ ଯୋଜନାରେ ବାର୍ଷିକ ୧୨୫ ଦିନ ରୋଜଗାର ଯୋଗାଇ ଦେବାର ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ନିରର୍ଥକ। ସଂସଦରେ ବିଲ୍ ଉପରେ ଆଲୋଚନା ବେଳେ ବିରୋଧୀ ଦଳ ସଦସ୍ୟମାନେ ସବୁଠାରୁ ଅଧିକ ଓ ତୀବ୍ର ଆପତ୍ତି ଉଠାଇଥିଲେ ନୂଆ ଯୋଜନାର ନାମକରଣକୁ ନେଇ। ସେମାନେ ଯୁକ୍ତି ବାଢ଼ିଥିଲେ ଯେ ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇ ଦେବା କେବଳ ଜାତିର ଜନକଙ୍କ ପ୍ରତି ଘୋର ଅପମାନ ନୁହେଁ; କ୍ଷମତାର ବିକେନ୍ଦ୍ରୀକରଣ, ତୃଣମୂଳସ୍ତରୀୟ ଯୋଜନା ଓ ଗ୍ରାମ ସଶକ୍ତୀକରଣ ପାଇଁ ସେ ଦେଖିଥିବା ସ୍ୱପ୍ନ ଉପରେ ପ୍ରଚଣ୍ଡ କୁଠାରାଘାତ। ତା' ସହିତ ଏହି ନୂଆ ନାମକରଣ ବିଜେପିର ରାମସର୍ବସ୍ୱ ରାଜନୀତିର ଆଉ ଏକ ଉଦାହରଣ ବୋଲି ମଧ୍ୟ ଅଭିଯୋଗ ଉଠିଥିଲା। ଲୋକସଭାରେ ବିଲ୍ ଉପରେ ଆଲୋଚନା ବେଳେ ସମ୍ପ୍ରତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିଜେପି ସରକାର ପ୍ରତି ବେଶ ଦରଦୀ ହୋଇ ପଡ଼ିଥିବା ତିରୁବନନ୍ତପୁରମର କଂଗ୍ରେସ ସାଂସଦ ଶଶୀ ଥରୂର ମଧ୍ୟ ୧୯୭୧ରେ ମୁକ୍ତିଲାଭ କରିଥିବା ଦେବାନନ୍ଦଙ୍କ ''ହରେ ରାମ, ହରେ କୃଷ୍ଣ'' ଚଳଚ୍ଚିତ୍ରର ଲୋକପ୍ରିୟ ଗୀତର ମୁଖଡ଼ା ଉଦ୍ଧାର କରି ସରକାରଙ୍କୁ କହିଥିଲେ; ''ରାମ କା ନାମ୍ ବଦନାମ ନା କରୋ।'' କିନ୍ତୁ ବିଶିଷ୍ଟ ବୁଦ୍ଧିଜୀବୀ ଓ ସାମାଜିକ କର୍ମକର୍ତା ଯୋଗେନ୍ଦ୍ର ଯାଦବଙ୍କ ମତରେ ନୂଆ ଯୋଜନାରୁ ଗାନ୍ଧୀଜୀଙ୍କ ନାମ ହଟାଇ ଦେବା ଯଥାର୍ଥ, କାରଣ ଏଥିରେ ଜାତିର ପିତାଙ୍କ ଆତ୍ମାକୁ ଉଚ୍ଛେଦ କରିଦିଆ ଯାଇଛି! ''ନରେଗା''ର କାର୍ଯ୍ୟକାରିତା ସମ୍ପର୍କରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଏହି ସମୟ ମଧ୍ୟରେ ଦେଶରେ ୪,୫୮୫ କୋଟି ''ମ୍ୟାନ୍ ଡେ'' (ଦୈନିକ ରୋଜଗାର) ସୃଷ୍ଟି କରାଯାଇ ପାରିଛି। ଏହାଦ୍ୱାରା ଆହୁରି ମଧ୍ୟ ଗ୍ରାମାଂଚଳରେ ୯.୫ କୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇ ପାରିଛି। ଏହି ଆକଳନ ଅନୁଯାୟୀ ପ୍ରତି ବର୍ଷ ହାରାହାରି ୫ କୋଟିରୁ ଅଧିକ ଲୋକ ଏହି ଯୋଜନା ଦ୍ୱାରା ଉପକୃତ ହେଉଛନ୍ତି।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin : 769003







## ପଟାଖମଣ ଗାଁ ରାସ୍ତାରେ ବଡ଼ କୁମ୍ଭୀର, ଭୟଭୀତ ଲୋକେ



ରେଢାଖୋଲ,୨୨/୧୦(ନି/ପ୍ର): ରେଢାଖୋଲ ବ୍ଲକ ପଟାଖମଣ ଗାଁ ନିକଟ ରାସ୍ତାରେ ଏକ ବଡ଼ କୁମ୍ଭୀର ବୁଲୁଥିବା ଦେଖିବାକୁ ମିଳିଛି। କୁମ୍ଭୀରକୁ ଦେଖି ଗାଁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଖବର ପାଇ ବନ ବିଭାଗ ପକ୍ଷରୁ କୁମ୍ଭୀରକୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ତେବେ କେଉଁ ପରିସ୍ଥିତିରେ କୁମ୍ଭୀରଟି ଗାଁ ଆଡକୁ ଚାଲି ଆସିଛି, ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। କୁମ୍ଭୀରଟି ଉଦ୍ଧାର ନହେବା ପର୍ଯ୍ୟନ୍ତ ଗାଁ ଲୋକଙ୍କୁ ରାସ୍ତା ନିକଟକୁ ନଯିବାକୁ ଏବଂ କୁମ୍ଭୀରକୁ ଘେରିବା କିମ୍ବା ତାକୁ ଧରିବାକୁ ଚେଷ୍ଟା ନକରିବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ଶିଶୁ ଓ ବୃଦ୍ଧମାନଙ୍କୁ ଏହି ଅଞ୍ଚଳକୁ ନଯିବା ପାଇଁ ସଚେତନ କରାଯାଇଛି। କୁମ୍ଭୀର ଦେଖିଲେ ଭିଡ଼ ନକରି ତୁରନ୍ତ ବନ ବିଭାଗକୁ ଖବର ଦେବାକୁ କୁହାଯାଇଛି।

## ଭଦ୍ରକ ବିଧାୟକ ସୀତାଂଶୁ ବିଭିନ୍ନ ପୂଜା ମଣ୍ଡପରେ ମା ଦଶଭୁଜାଙ୍କ ଦର୍ଶନ କଲେ

ଭଦ୍ରକ,୨୨/୧୦(ନି/ପ୍ର): ଭଦ୍ରକ ସହର ସମେତ ଗ୍ରାମାଂଚଳରେ ମଧ୍ୟ ବେଶ ଜାକ ଜମକରେ ମା' ଦୁର୍ଗାଙ୍କ ପୂଜା ପାଳିତ ହୋଇଆସୁଛି। ଅଷ୍ଟମୀ ଠାରୁ ଦଶହରା ପର୍ଯ୍ୟନ୍ତ ଲୋକମାନଙ୍କ ଗହଳିବେଶ୍ ସରଗରମ ରହିଥିଲା। ବିଭିନ୍ନ ପୂଜା ମଣ୍ଡପରେ ରଙ୍ଗବେରଙ୍ଗ ଆଲୋକମାଳା ସାଙ୍ଗକୁ ଅତିସୁନ୍ଦର ତୋରଣମାନ ଲୋକଙ୍କ ମନକୁ ବେଶ୍ ଛୁଇଁଥିଲା। ଏବଂ ଛୋଟବଡ ମୀନାବଜାରର ପସରାମାନ ମେଳିଥିଲା। ଯାହାଫଳରେ ମା' ଦୁର୍ଗାଙ୍କୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନେ ଏହି ମୀନାବଜାରର ମଜା ନେଇଥିଲେ।

## ରାଜ୍ୟସ୍ତରୀୟ ଫୁଟବଲରେ ସମ୍ବଲପୁର ଉପବିଜେତା
## ଅଧିନାୟକ ହିତେଶ ନାଏକଙ୍କ ଉତମ ପ୍ରଦର୍ଶନ

ସମ୍ବଲପୁର,୨୨/୧୦(ନି/ପ୍ର):ସୁବର୍ଣ୍ଣପୁର ଜିଲ୍ଲାରେ ଗତ ୧୩ ତାରିଖରୁ ଆୟୋଜିତ ୧୪ ବର୍ଷରୁ କମ୍ ବାଳକ ବର୍ଗର ପ୍ରଥମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଫୁଟବଲ୍ ପ୍ରତିଯୋଗିତା ୧୬ ତାରିଖରେ ଶେଷ ହୋଇଛି। ଏହି ପ୍ରତିଯୋଗିତାର ଫାଇନାଲ୍‌ରେ ସୁନ୍ଦରଗଡ଼ ଓ ସମ୍ବଲପୁର ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ସୁନ୍ଦରଗଡ଼ ବିଜେତା ହୋଇଥିବା ବେଳେ ସମ୍ବଲପୁର ଉପବିଜେତା ହୋଇଛି। ସମ୍ବଲପୁର ଦଳର ଅଧିନାୟକ ହିତେଶ ନାଏକ ଉନ୍ନମ ପ୍ରଦର୍ଶନ କରି ଦର୍ଶକ ଓ ଅତିଥିଙ୍କ ମନ ଜିଣିଥିଲେ। ଦଳର କୋଚ୍ ଭାବେ ଶିବନାରାୟଣ ବେହେରା ଏବଂ ମ୍ୟାନେଜର ଭାବେ ତ୍ରିବିକ୍ରମ ରଣା ଯୋଗ ଦେଇଥିଲେ। ହିତେଶ ବନ୍ତନ ମହୁଲପାଲିସ୍ଥିତ ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।



## ସୋଡାମାଲ ହାଇସ୍କୁଲ ନିକଟ ରାସ୍ତାରେ ବିପଦସଙ୍କୁଳ ଖାଲ
## ମରାମତି ଦାବିରେ ଆଦିବାସୀ ସଂଘର ଦାବିପତ୍ର

ଝାରସୁଗୁଡ଼ା,୨୨/୧୦(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ଅନ୍ତର୍ଗତ ସୋଡାମାଲ ପଂଚାୟତର ସୋଡାମାଲ ହାଇସ୍କୁଲ ନିକଟରେ ରାସ୍ତା ଉପରେ ସୃଷ୍ଟି ହୋଇଥିବା ବଡ଼ ଖାଲ ଏବେ ଦୁର୍ଘଟଣାର କାରଣ ପାଲଟିଛି। ନାଳର ଶେଷମୁଣ୍ଡ ଦବିଯିବା ଯୋଗୁଁ ପୂର୍ତ୍ତ ବିଭାଗ ଅଧୀନ ରାସ୍ତାରେ ଏହି ଖାଲ ସୃଷ୍ଟି ହୋଇଥିବା ବେଳେ ପ୍ରତିଦିନ ଏଠାରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଫଳରେ ସାଧାରଣ ଲୋକ ଓ ଯାତ୍ରୀମାନେ ଆହତ ହେଉଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଏହି ସମସ୍ୟାର ସମାଧାନ ପାଇଁ ସୋଡାମାଲ ପଂଚାୟତର ସରପଂଚ ଚନ୍ଦନ ପଟ୍ଟନାୟକ ଏବଂ ସ୍ଥାନୀୟ ଗ୍ରାମବାସୀ ବାରମ୍ବାର ପୂର୍ତ୍ତ ବିଭାଗର ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ ହୋଇଛି। ଉକ୍ତ ରାସ୍ତା ସମ୍ବଲପୁର ପୂର୍ତ୍ତ ବିଭାଗ ଅଧୀନରେ ରହିଥିବାରୁ ଏହି ସମସ୍ୟା ସମ୍ପର୍କରେ ଉଭୟ ସମ୍ବଲପୁର ଓ ଝାରସୁଗୁଡ଼ା ପୂର୍ତ୍ତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ମରାମତି କାର୍ଯ୍ୟ ହୋଇନଥିବା ଗ୍ରାମବାସୀ କହିଛନ୍ତି। ଏପରିକି ସମ୍ବଲପୁର ପୂର୍ତ୍ତ ବିଭାଗର ଅଧିକାରୀମାନେ ଫୋନ୍ ଉଠାଉ ନଥିବା ନେଇ ମଧ୍ୟ ସରପଂଚ ଓ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, କୋଲାବିରା ଥାନା ଅଧିକାରୀ ସନ୍ତୋଷ ପ୍ରଧାନଙ୍କ କହିବା ଅନୁଯାୟୀ, ନାଳର ଶେଷମୁଣ୍ଡ ଦବିଯିବା ଯୋଗୁଁ ଉକ୍ତ ସ୍ଥାନରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହାଦ୍ୱାରା ପୋଲିସ ବିଭାଗକୁ ମଧ୍ୟ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହି ବିପଦସଙ୍କୁଳ ରାସ୍ତାର ତୁରନ୍ତ ମରାମତି ଓ ସ୍ଥାୟୀ ପ୍ରତିକାର ଦାବିରେ ବୁଧବାର ଆଦିବାସୀ ସଂଘର ଉପାଧ୍ୟକ୍ଷ ପ୍ରେମସାଗର ଧୁରୁଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଝାରସୁଗୁଡ଼ା ଜିଲ୍ଲାପାଳ ଏବଂ ଝାରସୁଗୁଡ଼ା ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ତୁରନ୍ତ ଖାଲ ମରାମତି କରିବା ସହ ନାଳର ଦବିଯାଇଥିବା ଅଂଶର ସ୍ଥାୟୀ ନିର୍ମାଣ କରିବାକୁ ସଂଘ ଦାବି କରିଛି। ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ କରାନଯାଏ, ତେବେ ଆଗାମୀ ଦିନରେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷରେ, କୋଲାବିରା ଥାନା ଅଧିକାରୀ ସନ୍ତୋଷ ପ୍ରଧାନଙ୍କ କହିବା ଅନୁଯାୟୀ, ନାଳର ଶେଷମୁଣ୍ଡ ଦବିଯିବା ଯୋଗୁଁ ଉକ୍ତ ସ୍ଥାନରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି।

## ଗୁରୁ ପଦ୍ମସମ୍ଭବ ପ୍ରଚାର ସମିତି ପକ୍ଷରୁ ଦୁଇଦିନିଆ ସମର୍ପଣ ଉତ୍ସବ



ସମ୍ବଲପୁର,୨୨/୧୦(ନି/ପ୍ର): ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାଠାରେ ଗୁରୁ ପଦ୍ମସମ୍ଭବ ପ୍ରଚାର ସମିତିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅକ୍ଟୋବର ୩୧ ଓ ନଭେମ୍ବର ୧ ତାରିଖରେ ହେବାକୁ ଥିବା ୧୧ତମ ଦୁଇଦିନିଆ ସମର୍ପଣ ଉତ୍ସବର ରୂପରେଖ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ସମିତିର ଆବାହକ ଭବାନୀଶ ଭୋଇଙ୍କ ସଂଯୋଜନାରେ ହୋଇଥିବା ବୈଠକରେ ବିଗତ ଦଶବର୍ଷ ଧରି ଆୟୋଜିତ ସମର୍ପଣ ଉତ୍ସବର ବିବରଣୀ ଦିଆଯାଇଥିଲା। ପଶ୍ଚିମ ଓଡ଼ିଶାର ବୌଦ୍ଧ ଇତିହାସ ଏବଂ ଗୁରୁ ପଦ୍ମସମ୍ଭବ, ରାଜା ଇନ୍ଦ୍ରଭୂତି ଓ ଲକ୍ଷ୍ମୀକରାଙ୍କ ସହ ଜଡ଼ିତ ଐତିହାସିକ ତଥ୍ୟକୁ ଲୋକଲୋଚନକୁ ଆଣିବା ପାଇଁ ଭାରତୀ ସମାଜ ଉଦ୍ୟମ କରୁଛି। ଏହି ଉଦ୍ଦେଶ୍ୟରେ ଗୁରୁ ପଦ୍ମସମ୍ଭବ ପ୍ରଚାର ସମିତି ଗଠନ କରାଯାଇଛି। ଉତ୍ସବରେ ପଶ୍ଚିମାଂଚଳର ବିଭିନ୍ନ ଅଂଚଳର ସପ୍ତମ ଶତାବ୍ଦୀର ଇତିହାସ ଓ ଲୋକକଥା ସ୍ଥାନୀୟ ଲୋକଙ୍କଠାରୁ ସଂଗ୍ରହ କରାଯିବ। ଏଥିପାଇଁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଗାଁଗୁଡ଼ିକୁ ଯାଇ ତଥ୍ୟ ସଂଗ୍ରହ କରାଯାଉଛି। ବୌଦ୍ଧ କରିଡରର ବିକାଶ ମାଧ୍ୟମରେ ଅଂଚଳର ପର୍ଯ୍ୟଟନକୁ ଆଗକୁ ନେବା ନେଇ ମଧ୍ୟ ବୈଠକରେ ମତ ପ୍ରକାଶ ପାଇଥିଲା। ବୈଠକରେ ସମିତିର ସଦସ୍ୟ ଡ. ସ୍ୱୟଂ ପ୍ରକାଶ ପଣ୍ଡା, ଗୋପବନ୍ଧୁ ସେନାପତି, ସୁବୋଧ କୁମାର ଦୋରା, ମାନସ ରଞ୍ଜନ ବକ୍ସି, ରାହୁଲ ଗୁପ୍ତା ଓ ରାଜେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରତିଷ୍ଠା ଦିବସ ଓ ମହାଅଷ୍ଟମୀରେ 'ରଣେଶ୍ୱର ରାମଚଣ୍ଡୀ ପାଠ'



ସମ୍ବଲପୁର,୨୨/୧୦(ନି/ପ୍ର): ଦାନିପାଲିସ୍ଥିତ ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀଙ୍କ ପୀଠରେ ୨୬ତମ ପ୍ରତିଷ୍ଠା ଦିବସ ଓ ମହାଅଷ୍ଟମୀ ମହୋତ୍ସବ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି। ଏହି ଅବସରରେ ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ 'ରଣେଶ୍ୱର ରାମଚଣ୍ଡୀ ପାଠ' ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଉପେନ୍ଦ୍ର ଭୋଇ, ନରେନ୍ଦ୍ର ପ୍ରଧାନ, ଦେବୀପ୍ରସାଦ ଭୋଇ, ବାବୁଲି ଭୋଇ ଓ ସୁଦାମ ପ୍ରଧାନଙ୍କ ପୌରୋହିତ୍ୟରେ ପାଠ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବିଶାଳଖଣ୍ଡାର ସଭାପତି ଆନନ୍ଦ ସାହୁଙ୍କ ସମେତ ବହୁ ଭକ୍ତ ଏଥିରେ ଯୋଗ ଦେଇଥିଲେ। ଉତ୍ସବ ଅବସରରେ ମନ୍ଦିରକୁ ଆଲୋକମାଳା ଓ ଫୁଲରେ ସଜାଯାଇଥିଲା। ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଚଣ୍ଡୀପାଠ, ବୈଦିକ ମନ୍ତ୍ରୋଚ୍ଚାରଣ ଓ ଶଙ୍ଖଧ୍ୱନିରେ ପୀଠରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମଧ୍ୟାହ୍ନରେ ଅନ୍ନପ୍ରସାଦ ସେବନରେ ଭକ୍ତମାନେ ଯୋଗ ଦେଇଥିଲେ। ମହୋତ୍ସବ କମିଟି ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ କୁଲତା ସମାଜ, ସମ୍ବଲପୁରର ସଭାପତି କୃପାସିନ୍ଧୁ ଖମାରି, ଉପସଭାପତି ଦେବତମ ପ୍ରଧାନ, କୋଷାଧ୍ୟକ୍ଷ ସରୋଜ ପ୍ରଧାନ,ପୂର୍ବତନ ସମ୍ପାଦିକା ଦମୟନ୍ତୀ ପ୍ରଧାନ, ପୂର୍ବତନ ଉପ ସଭାନେତ୍ରୀ ବାସନ୍ତୀ ବିଶ୍ୱାଳ, ପୁଷ୍ପା ସାହୁ, ପୁଷ୍ପା ଭୋଇ, ଅକ୍ଷୟ ପ୍ରଧାନ, ଜଟାଭୂଷଣ ସାହୁ, ଭକ୍ତବନ୍ଧୁ ପ୍ରଧାନ, ଅଭିରାମ ଖମାରି, ଟଙ୍କଧର ବାରିକ, ଦେବ ବାରିକ, ସୁଦାମ ଭୋଇ,ନିର୍ମଳ ପ୍ରଧାନ, ସୁଶୀଲ ବଢ଼େଇ, ପ୍ରଫୁଲ୍ଲ ମାଝୀ, ମୁରଲୀ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ପ୍ରସ୍ତୁତି ବୈଠକ

ସମ୍ବଲପୁର,୨୨/୧୦(ନି/ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଶୋକ କୁମାର ଭୋଇ ଏବଂ ଆରକ୍ଷୀ ଅଧିକ୍ଷକ(ଭିଜିଲାନ୍ସ) ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀଙ୍କ ସଭାପତିତ୍ୱରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଧୁତା ଓ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ଶପଥ ପାଠ ଗ୍ରହଣ କରିବା ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବାକୁ ନିଷ୍ପତି ନିଆଯାଇଛି। ଦୁର୍ନୀତିର ଭୟାବହତା ଏବଂ ଏହାର ନିରାକରଣ ସମ୍ପର୍କରେ ସାଧାରଣ ଜନତାଙ୍କୁ ସଚେତନ କରିବା ପାଇଁ ସଚେତନତା ରାଲି, ପଥପ୍ରାନ୍ତ ନାଟକ ଏବଂ ଏଲ୍‌ଇଡିରେ ପ୍ରଦର୍ଶନ ମାଧ୍ୟମରେ ପ୍ରଚାର ପ୍ରସାର କରାଯିବ। ସମାଜରୁ ଦୁର୍ନୀତି ଦୂରୀକରଣ ଏବଂ ସଚ୍ଚୋଟତା ପ୍ରସାର ପାଇଁ ବିଭିନ୍ନ ବ୍ଲକର ପଂଚାୟତ ଗୁଡ଼ିକରେ ଗ୍ରାମସଭା ଓ ରାଲିର ଆୟୋଜନ କରାଯିବ। ଏହି କ୍ରମରେ ଜମନକିରା ବ୍ଲକର ଫାଶିମାଲ ପଂଚାୟତରେ ଅକ୍ଟୋବର ୨୬ ତାରିଖ ପୂର୍ବାହ୍ନ ୧୧:୦୦ ଘଟିକାରେ, ମାନେଶ୍ୱର ବ୍ଲକର ଧମା ପଂଚାୟତରେ ଅକ୍ଟୋବର ୨୭ ତାରିଖ ପୂର୍ବାହ୍ନ ୧୧:୦୦ ଘଟିକାରେ, ନାକଟିଦେଉଳ ବ୍ଲକର ନାକଟିଦେଉଳ ପଂଚାୟତରେ ଅକ୍ଟୋବର ୨୭ ତାରିଖ ପୂର୍ବାହ୍ନ ୧୧:୦୦ ଘଟିକାରେ, ରେଙ୍ଗାଲି ବ୍ଲକର ବୋମାଲୋଇ ପଂଚାୟତରେ ଅକ୍ଟୋବର ୨୮ ତାରିଖ ପୂର୍ବାହ୍ନ ୧୧:୦୦ ଘଟିକାରେ, କୁଚିଣ୍ଡା ବ୍ଲକର ଅର୍ଦ୍ଧାବାହାଲ ପଂଚାୟତରେ ଅକ୍ଟୋବର ୨୯ ତାରିଖ ପୂର୍ବାହ୍ନ ୧୧:୦୦ ଘଟିକାରେ, ଧନକଉଡା ବ୍ଲକର ଏ. କାଟାପାଲି ପଂଚାୟତରେ ଅକ୍ଟୋବର ୩୦ ତାରିଖ ଅପରାହ୍ନ ୩:୦୦ ଘଟିକାରେ ଏବଂ ରେଢ଼ାଖୋଲ ବ୍ଲକର ଚାରମାଳ ପଂଚାୟତରେ ଅକ୍ଟୋବର ୩୧ ତାରିଖ ପୂର୍ବାହ୍ନ ୧୧:୦୦ ଘଟିକାରେ ଗ୍ରାମସଭା ଅନୁଷ୍ଠିତ ହେବ। ଏହି ଗ୍ରାମସଭା ଗୁଡ଼ିକରେ ପିଇଓ, ସଚିବ, ସ୍ଥାନୀୟ ସାଧାରଣ ଜନତା, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅଙ୍ଗନବାଡ଼ି କର୍ମୀମାନେ ସକ୍ରିୟ ଅଂଶଗ୍ରହଣ କରି ଦୁର୍ନୀତି ନିବାରଣ ସମ୍ପର୍କରେ ବାର୍ତ୍ତା ପ୍ରସାର କରିବେ। ଏତଦ୍ ବ୍ୟତୀତ, ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମର ସଫଳ ଆୟୋଜନ ସହ କାର୍ଯ୍ୟକ୍ରମ ସ୍ଥଳରେ ଆବଶ୍ୟକୀୟ ଚିକିତ୍ସା ସେବା ଏବଂ ଅଗ୍ନିଶମ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଜଗନ୍ନାଥ ପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିରରେ ପୂର୍ବଛାତ୍ର ସମ୍ମିଳନୀ



ସମ୍ବଲପୁର,୨୨/୧୦(ନି/ପ୍ର): ଜଗନ୍ନାଥ ପ୍ରସାଦ ପ୍ରାଙ୍ଗଣସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ପୂର୍ବଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୦ ଜଣ ପୂର୍ବଛାତ୍ରଛାତ୍ରୀ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଗୋଲକ ବିହାରୀ ପ୍ରଧାନ, ସମ୍ପାଦକ ଜୟଦେବ ରାଉଳ, ମୁଖ୍ୟ ଅତିଥି ତଥା ବଲାଙ୍ଗୀରର ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ପୂର୍ବଛାତ୍ର ସମ୍ମିଳନୀର ସଭାପତି ବିଶ୍ୱଜିତ୍ ପ୍ରଧାନ ଓ ସମ୍ପାଦକ ସମ୍ବିତ କୁମାର ସାହୁ ମା' ବାଗଦେବୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଶିଶୁ ଭାଇଭଉଣୀମାନେ ସାମୂହିକ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ସୁଶାନ୍ତ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମଧୁସ୍ମିତା ରଣା ଏକ ବୋଧକଥା କହିଥିଲେ। ପରିଚାଳନା ସମିତିର ସଭାପତି ଗୋଲକ ବିହାରୀ ପ୍ରଧାନ ସମ୍ମିଳନୀର ଆଭିମୁଖ୍ୟ ରଖିଥିଲେ। ଶିଶୁଭଉଣୀ ଭୂମିସ୍ମିତା ବିଶ୍ୱାଳ ବ୍ୟକ୍ତିଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ ସମ୍ମିଳନୀର ଉଦ୍ଦେଶ୍ୟ ବ୍ୟାଖ୍ୟା କରିବା ସହ ମଂଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଅଲେଖ ବିଶ୍ୱାଳ ବିଦ୍ୟାଳୟରେ ନିଜର ଅନୁଭୂତି ସ୍ମରଣ କରିବା ସହ ବିଦ୍ୟାଳୟର ଉନ୍ନତି ପାଇଁ ପୂର୍ବଛାତ୍ରମାନେ ଆର୍ଥିକ ସହଯୋଗ ଓ ସମୟ ଦାନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସ୍ୱାବଲମ୍ବୀ ଭାରତ ଗଠନରେ ପୂର୍ବଛାତ୍ରଙ୍କ ଭୂମିକା ଏବଂ ସରସ୍ୱତୀ ଶିଶୁ ମନ୍ଦିରର ଯୋଜନା ଓ ପରିଚୟ ସମ୍ପର୍କରେ ମଧ୍ୟ ସେ ଆଲୋକପାତ କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ଆଚାର୍ଯ୍ୟା ସାଗରିକା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସହଭୋଜ ପରେ ସମ୍ମିଳନୀ ଶେଷ ହୋଇଥିଲା। ବିଦ୍ୟାଳୟର ଆଚାର୍ଯ୍ୟ-ଆଚାର୍ଯ୍ୟା, ପରିଚାଳନା ସମିତିର ସଦସ୍ୟ ଓ ମାତୃଭାରତୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

## ଶ୍ରୀବଳଦେବଜୀଉ ପାଲା ମଣ୍ଡଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୨୨/୧୦(ନି/ପ୍ର):କେନ୍ଦ୍ରାପଡ଼ାର ଶ୍ରୀ ସିଦ୍ଧ ବଳଦେବଜୀଉ ପାଲା ମଣ୍ଡଳ ପକ୍ଷରୁ ଗାୟକ ଭୂଷଣ ସ୍ୱର୍ଗତ ଗୋପବନ୍ଧୁ ନାଥଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଏକଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସଭା ଦୁହୁରିଆ ଯଜ୍ଞେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଦେଷ୍ଟା ଗାୟକ ଚିନ୍ମୟ ଦାଶ ସଭାପତିତ୍ୱ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସର୍ବଶ୍ରୀ ଗାୟକ ଶୁଶାନ୍ତ କୁମାର ମଲ୍ଲିକ, ଗାୟକ ସୁବାଷ ଚନ୍ଦ୍ର ଶତପଥି,ଗାୟକ ପ୍ରକୃତିବନ୍ଧୁ ଗଗନ ବିହାରୀ ସିଂହ, ଗାୟକ ଆକାଶବାଣୀ ଶିଳ୍ପୀ କ୍ଷୀରୋଦ କୁମାର ନାଥ, ଗାୟକ ଦଶରଥ ରାଉତ, ବାୟକ ବାନାମ୍ବର ଦାସ, ସୁଦର୍ଶନ ମଲ୍ଲିକ, ସଂଗୀତ ଶାରଦା ପ୍ରସନ ନାଥ, ଗଙ୍ଗାଧର ବାରିକ, କୁଳମଣି ନାୟକ, ଅକ୍ଷୟ କୁମାର ସ୍ୱାଇଁ, ଶଙ୍କର ନାଥ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାଥଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଗୋଟିଏ, ହେଲେ ଅବାଧରେ ବିକ୍ରି ହେଉଛି ଶତାଧିକ କାଉଣ୍ଟରରେ



ସମ୍ବଲପୁର,୨୨/୧୦(ନି/ପ୍ର): ରାଜ୍ୟ ସରକାରଙ୍କ ରାଜକୋଷକୁ ସର୍ବାଧିକ ରାଜସ୍ୱ ଅବକାରୀ ବିଭାଗରୁ ହିଁ ସଂଗୃହିତ ହେଉଛି । ଏଥିପାଇଁ ରାଜ୍ୟ ସରକାର ମଦ ବିକ୍ରି ପାଇଁ କଡ଼ା କଟକଣାରେ ତଥା ମୋଟା ଅଙ୍କର ଅର୍ଥ ଜିମା ନେଇ ନିର୍ଦ୍ଧିଷ୍ଟ ବ୍ୟକ୍ତି ବିଶେଷଙ୍କୁ ମଦ ଦୋକାନ ପାଇଁ ଲାଇସେନ୍ସ ପ୍ରଦାନ କରିଥାଆନ୍ତି । ଚଳିତ ଋତୁରେ ସମଗ୍ର ରାଜ୍ୟରେ ସରକାରଙ୍କ ନୂଆନୂଆ ନୀତି ନିୟମରେ ବହୁ ଓଡ଼ିଆ ମଦ ବ୍ୟବସାୟୀ ଲାଇସେନ୍ସ ପାଇବାରେ ହତାଶ ହୋଇ ପଡ଼ିଥିବା ବେଳେ ସର୍ବାଧିକ ଅର୍ଥ ଜମାକରି ସର୍ବାଧିକ କାଉଣ୍ଟର ପାଇଁ ଲାଇସେନ୍ସ ଆବେଦନ କରିଥିବା ବ୍ୟବସାୟୀଙ୍କ ମଧ୍ୟରେ ଅଣ ଓଡିଆ ପଡୋଶୀ ବିହାର ରାଜ୍ୟର ପୋଖତ ମଦବିକ୍ରେତା ମାନେ ରାଜ୍ୟର ବିଭିନ୍ନ କାଉଣ୍ଟର ପାଇଁ ଲାଇସେନ୍ସ ପାଇବାରେ ସଫଳ ହୋଇଥିବା ଦେଖାଯାଇଛି । ଅବକାରୀ ବିଭାଗ ମଦ ବିକିବା ପାଇଁ ନିର୍ଦ୍ଧିଷ୍ଟ ନୀତି ନିୟମ ମଧ୍ୟ ଧାର୍ଯ୍ୟ କରିଛନ୍ତି । କେବଳ ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତି ହିଁ ନିର୍ଦ୍ଧିଷ୍ଟ କାଉଣ୍ଟରରେ ମଦ ବିକ୍ରି କରି ପାରିବ । ମାତ୍ର ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ କୁଚିଣ୍ଡା ଭଳି ଅଂଚଳରେ ଶତାଧିକ ସ୍ଥାନରେ ଖୁଲମ ଖୁଲା ବିଦେଶୀ ମଦ ବିକ୍ରି ହେଉଥିବା ଘଟଣା ସାଧାରଣରେ ଲୋକଙ୍କୁ ଚକିତ କରାଇଛି କ୍ଷ ପୁରୁଣା ସରକାର ବଦଳିବା ପରେ ନୂତନ ସରକାର ନୂତନ ନୀତି ନିୟମ ଲାଗୁ କରି ସମଗ୍ର ରାଜ୍ୟରେ ଲାଇସେନ୍ସ ନବୀକରଣ ଓ ନୂଆ ନୂଆ ବ୍ୟବସାୟୀଙ୍କୁ ଲାଇସେନ୍ସ ପ୍ରଦାନ କରିଛନ୍ତି । ତଦନୁସାରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକରେ ଏବେ ଜଣେ ନୂତନ ଭାବେ ଲାଇସେନ୍ସ ପାଇଁ ମଦ ବିକ୍ରି କରୁଛନ୍ତି । ମାତ୍ର ଏବେ ଏହି ମଦ କାଉଣ୍ଟରକୁ ନେଇ ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି । ବିଭିନ୍ନ ସମୟରେ ଏହି ମଦ ଦୋକାନରୁ ୧୮ ବର୍ଷରୁ କମ୍ ବାଳକ ମାନେ ମଦ କିଣୁଥିବା ଦେଖିବାକୁ ମିଳୁଥିବା ବେଳେ ବିଭିନ୍ନ ସମୟରେ ଧାର୍ଯ୍ୟଦର ଠାରୁ ମାତ୍ରାଧିକ ଅର୍ଥ ଶୋଷଣ କରୁଥିବା ନେଇ ଗ୍ରାହକ ଓ ମଦ ବିକ୍ରେତାଙ୍କ ମଧ୍ୟରେ ବଚସା ଓ ହାତ ଉଠାଉଠି ହେବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ସେହିପରି ଲାଇସେନ୍ସ ପ୍ରାପ୍ତ ମଦ ଦୋକାନରେ ମଦ ବିକ୍ରିରେ କୋଣସି ଅସୁବିଧା ନଥିଲେ ମଧ୍ୟ ଏହି ବିଦେଶୀ ମଦ ଦୋକାନରୁ ଶହଶହ ସଂଖ୍ୟାରେ କୁଚିଆ ଏବଂ ରାସ୍ତା ପାର୍ଶ୍ୱରେ ଥିବା ଢ଼ାବା ଗୁଡିକୁ ପର୍ଯ୍ୟାପ୍ତ ପରିମାଣର ମଦ ଚାଲାଣ ହେବା ଘଟଣାକୁ ନେଇ ଏବେ ତୀବ୍ର ଜନ ଅସନ୍ତୋଷ ମୁଣ୍ଡ ଟେକିଛି । ସୁସ୍ଥ ସମାଜ ଗଠନ ପାଇଁ ଗୋଟିଏ ପଟେ ନିଶା ନିବାରଣ ପାଇଁ ଲୋକଙ୍କୁ ସଚେତନ କରାଯାଉଥିବା ବେଳେ କୁଚିଣ୍ଡା ଭଳି ଅଂଚଳ ଓ ଏହାର ଆଖପାଖ ଅନେକ ଗ୍ରାମରେ ଅବାଧରେ ବିଦେଶୀ ମଦ ବିକ୍ରି କରାଯିବା ସମ୍ପ୍ରତି ନିଶା ନିବାରଣ ସଚେତନତା ପ୍ରତି ଶକ୍ତ ଉପହାସ ପାଲଟିଛି । ପ୍ରତ୍ୟେକ ଗାଁ ଗହଳିରେ ନିବ୍ ଗୋଟା ୨୫୦ ଟଙ୍କାରୁ ୨୭୦ ଓ ୩ ଶହ ଟଙ୍କାରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି । ଅପରପକ୍ଷରେ କାଉଣ୍ଟରରୁ ଗ୍ରାହକ କିଣିବା ଅପେକ୍ଷା କିଛି କୁଚିଆଙ୍କୁ ହାତବାରିସୀ କରି ବିଭିନ୍ନ ଗାଁ ଗହଳିରେ ମଦ ବିକ୍ରି ପାଇଁ ଲାଇସେନ୍ସ ଧାରୀ ବ୍ୟବସାୟୀ ଜଣଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଉତ୍ସାହିତ କରାଇବା ଅଭିଯୋଗ ହେଉଛି । ଯାହା ଫଳରେ ସମଗ୍ର ସମ୍ବଲପୁର ଜିଲ୍ଲାର ମଦ୍ୟପଙ୍କ ସଂଖ୍ୟା ଅନୁପାତରେ କୁଚିଣ୍ଡା ଓ ଏହାର ଆଖପାଖ ଅଂଚଳ ଏକ କୁଖ୍ୟାତ ମାନ୍ୟତା ହାସଲ କରିବାକୁ ଯାଉଛି । ଏହି ଘଟଣାକୁ ନେଇ କୁଚିଣ୍ଡା ଅଂଚଳର କିଛି ସଚେତନ, ବରିଷ୍ଠ ନାଗରିକ ଓ କିଛି ଗଣମାଧ୍ୟମ ପ୍ରତିନିଧି ସମ୍ବଲପୁର ଜିଲ୍ଲା ଆସିଷ୍ଟାଂଟ ଅବକାରୀ ଅଧିକାରୀ କୈଳାଶ ଦେହୁରୀଙ୍କ ସହ ଯୋଗାଯୋଗ କରି ଘଟଣା ସମ୍ପର୍କରେ ଅଭିଯୋଗ ବାଢ଼ିଥିଲେ । ମାତ୍ର ଦୁର୍ଭାଗ୍ୟ, ଏଦିଗରେ ଅବକାରୀ ଅଧିକାରୀ ଜଣଙ୍କ ତଦନ୍ତ ବା କାର୍ଯ୍ୟାନୁଷ୍ଠାନର କୌଣସି ପ୍ରତିଶ୍ରୁତି ଦେବା ହଠାତ୍ ଉନ୍ନେଜିତ ହୋଇ ପଡିଥିଲେ । ଏପରିକି 'ଯଦି ଆପଣ ମାନଙ୍କ ମଧ୍ୟରୁ କେହି ଜଣେ କୁଚିଆ ଦ୍ୱାରା ଓ ଢାବାକୁ ମଦ ଚାଲାଣ ବେଳେ ଧରାଇଦେବ ତେବେ କିଛି କରିହେବ। ଯେତେବେଳେ ମଦ ଚୋରା ଚାଲାଣ ହେଉଥିବ ସେତେବେଳେ ଖବର କଲେ ଆମେ ଘଟଣାର ଯାଂଚ କରିବୁ ବୋଲି ଅତି ତାଚ୍ଛଲ୍ୟ ମୁଦ୍ରାରେ କହିଥିବା ଅଭିଯୋଗ ହୋଇଛି । ଅଭିଯୋଗକାରୀ ମାନେ କହିଛନ୍ତି ବେଆଇନ ମଦ ଚୋରା କାରବାରରେ ମୋଟା ଅଙ୍କର କମିଶନୀ ମିଳୁଥିବା ଯୋଗୁଁ ବହୁ ଅସାମାଜିକ ଓ ଅପରାଧୀ ଗୋଷ୍ଠୀର ଯୁବକ ମାନେ ଏଥିରେ ସମ୍ପୃକ୍ତ ରହୁଛନ୍ତି । ଆମେ ଅବକାରୀ ବିଭାଗର ଜଣେ ସଚ୍ଚୋଟ ଅଧିକାରୀ ଭାବେ କୈଳାଶ ଦେହୁରୀଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ପାଇଁ ଦୃଷ୍ଟି ଆକର୍ଷଣ କରାଇଥିଲୁ । ମାତ୍ର ଅଧିକାରୀ ଜଣଙ୍କ ଚୋରା ମଦ କାରବାର ରୋକିବା ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଇଙ୍ଗିତରେ ଏଭଳି ଅଭିଯୋଗରୁ ଦୂରେଇ ରହିବା ପାଇଁ ଯେଉ ପରୋକ୍ଷରେ ସୂଚିତ କରାଇଛନ୍ତି ତାହା ସମଗ୍ର କୁଚିଣ୍ଡା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏଦିଗରେ ଜିଲ୍ଲା ଅବକାରୀ ବିଭାଗ କୌଣସି ତଦନ୍ତ ବା କାର୍ଯ୍ୟାନୁଷ୍ଠାନ ଗହଣ ନକଲେ ଆଗାମୀ ଦିନରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହ ଆବଶ୍ୟକତା ପଡ଼ିଲେ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚେତାବନୀ ଦେଇଛନ୍ତି ।




## ଗୋପବନ୍ଧୁପାଲ୍ଲୀରେ ଅକ୍ଟୋବର ୨୪ ଓ ୨୫ରେ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ



ରାଉରକେଲା,୨୨/୧୦(ନି/ପ୍ର): ପରମ ବନ୍ଦନୀୟା ମାତା ଭଗବତୀ ଦେବୀ ଶର୍ମାଙ୍କ ଜନ୍ମ ଶତବାର୍ଷିକୀର ପବିତ୍ର ଅବସରରେ ଗୋପବନ୍ଧୁପାଲ୍ଲୀସ୍ଥିତ ମା' ବୈଷ୍ଣୋଦେବୀ ମନ୍ଦିର ପରିସରରେ ଆସନ୍ତା ୨୪ ଓ ୨୫ ଅକ୍ଟୋବର ୨୦୨୬ରେ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସହ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ଦୁଇଦିନିଆ ଧାର୍ମିକ ଆୟୋଜନରେ କଳସ ଶୋଭାଯାତ୍ରା, ଦୀପ ପ୍ରଜ୍ୱଳନ, ପ୍ରଜ୍ଞା ହବନ ଏବଂ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବ। ଆସନ୍ତା ୨୪ ଅକ୍ଟୋବର, ଶନିବାର ସକାଳ ୮ଟାରେ ଭବ୍ୟ କଳସ ଶୋଭାଯାତ୍ରା ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ। ଏହି ଶୋଭାଯାତ୍ରା ମାଲଗୋଦାମସ୍ଥିତ କାଳୀ ମନ୍ଦିରରୁ ବାହାରି ରେଳବାଇ କଲୋନୀର ମଧ୍ୟମ ରାସ୍ତା ଦେଇ ମା' ବୈଷ୍ଣୋଦେବୀ ମନ୍ଦିର ପରିସରରେ ପହଞ୍ଚିବ। ଶୋଭାଯାତ୍ରା ମାଧ୍ୟମରେ ଶ୍ରଦ୍ଧା, ଭକ୍ତି ଓ ଆଧ୍ୟାତ୍ମିକ ଚେତନାର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଯିବ। ସେହିଦିନ ସନ୍ଧ୍ୟାରେ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଆୟୋଜିତ ହେବ। ସେହିପରି ୨୫ ଅକ୍ଟୋବର, ରବିବାର ସକାଳ ୯ଟାରେ ପ୍ରଜ୍ଞା ହବନ ଓ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବ। ଯଜ୍ଞ ମାଧ୍ୟମରେ ବିଶ୍ୱକଲ୍ୟାଣ, ମାନବ ଜୀବନରେ ସଦ୍‌ବୁଦ୍ଧି, ସୁଖଶାନ୍ତି, ସଦ୍‌ଭାବନା ଓ ଜନମଙ୍ଗଳ କାମନା କରାଯିବ। ଆଧ୍ୟାତ୍ମିକ ଜାଗରଣ ସହ ସମାଜରେ ନୈତିକ ମୂଲ୍ୟବୋଧ, ସଂସ୍କାର ଓ ଭାରତୀୟ ସଂସ୍କୃତି ପ୍ରତି ସଚେତନତା ବୃଦ୍ଧି କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ। ଆୟୋଜକଙ୍କ ପକ୍ଷରୁ ଅଞ୍ଚଳର ସମସ୍ତ ଶ୍ରଦ୍ଧାଳୁ, ଗାୟତ୍ରୀ ପରିଜନ ଓ ଧର୍ମପ୍ରେମୀ ନାଗରିକଙ୍କୁ ଏହି ପବିତ୍ର ଆୟୋଜନରେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗଦେବାକୁ ନିବେଦନ କରାଯାଇଛି। ପରିବାର ଓ ପରିଚିତଙ୍କ ସହ ଉପସ୍ଥିତ ରହି ମହାଯଜ୍ଞକୁ ସଫଳ କରିବା ସହ ଆଧ୍ୟାତ୍ମିକ ପରିବେଶର ଲାଭ ଉଠାଇବାକୁ ଆୟୋଜକମାନେ ଅନୁରୋଧ କରିଛନ୍ତି।

## ବାରହାତ ଖଡ୍ଗ ଶୋଭାଯାତ୍ରା ସହିତ ରାଉରକେଲାରେ ଶେଷ ହେଲା ପାଇକ ଶୋଭାଯାତ୍ରା



ରାଉରକେଲା,୨୨/୧୦(ନି/ପ୍ର): ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ବାରହାତ ଖଡ୍ଗ ଶୋଭାଯାତ୍ରା ସେକ୍ଟର-୩ ସ୍ଥିତ ଖଡ୍ଗ ଭବନରୁ ବାହାରି ସହର ପରିକ୍ରମା କରିଥିଲା। ଖଡ୍ଗ ଭବନ ଠାରେ ପୂର୍ବାହ୍ନ ୧୦ଟା ସୁଦ୍ଧା ସମସ୍ତ ନୀତିନିୟମ ସମ୍ପନ୍ନ କରାଯିବା ପରେ, ମହାସଭାର ଉପଦେଷ୍ଟା ହରିହର ରାଉତରାୟ, ଡାକ୍ତର ୟୁ ସି ଜେନା, ଡାଃ ଗୋପବନ୍ଧୁ ବଳ, ପ୍ରାକ୍ତନ ସଭାପତି ସାରଦା ପ୍ରସାଦ ନାୟକ, ପ୍ରଭାତ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ଶଶଧର ପାତ୍ର, ପ୍ରତିଷ୍ଠାତା ସଦସ୍ୟ ଯଦୁମଣି ସ୍ୱାଇଁ, ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ରାଉତଙ୍କ ନେତୃତ୍ୱରେ ଏକ ମୋଟର ସାଇକେଲ ଶୋଭାଯାତ୍ରା ଖଡ୍ଗ ଭବନରୁ ବାହାରି ସେକ୍ଟର-୨ ସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି, ଆମ୍ରାଗାନ ନିକଟସ୍ଥ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି, ଭଞ୍ଜଭବନ ସମ୍ମୁଖସ୍ଥ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ସେକ୍ଟର-୧ ଦୁର୍ଗା କ୍ୟା[ିନ ଛକ, ସେକ୍ଟର-୧ ଦୁର୍ଗା ପୂଜା ମଣ୍ଡପ ହୋଇ ରାଉରକେଲା କ୍ଲବ, ସେକ୍ଟର-୬ ଇସ୍ପାତ ଷ୍ଟାଡିୟମ, ସେକ୍ଟର-୫ ସୁରୁଚି ବଜାର ହୋଇ ମହାସଭାର ଖଡ୍ଗ ଭବନକୁ ଫେରିଥିଲା। ଅନୁଷ୍ଠାନର ଶତାଧିକ କର୍ମକର୍ତ୍ତା ଓ ରାଣୀ ଶୁକଦେଇ ମହିଳା ସଂଗଠନର ସମସ୍ତ ମହିଳା ଗୋଟିଏ ପ୍ରକାରର ଶାଢ଼ୀ ପିନ୍ଧି ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ । ଏହାପରେ ସମସ୍ତେ ପ୍ରସାଦ ସେବନରେ ଆପ୍ୟାୟିତ ହୋଇଥିଲେ। ସେହିପରି ରାଉରକେଲା କମିଟି ତରଫରୁ ଖଡ୍ଗ ଓ ପାଇକ ଶୋଭାଯାତ୍ରା ବିଶ୍ରା ଛକରୁ ଆରମ୍ଭ ହୋଇ ରାଉରକେଲାର ମୁଖ୍ୟମାର୍ଗ ଦେଇ ଉଦିତନଗର ଆମ୍ବେଦକର ଛକ ହୋଇ ଆଇଟିଆଇ ଛକ ସ୍ଥିତ ରଘୁନାଥପାଲୀ ଥାନା ନିକଟସ୍ଥ ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ରାଉରକେଲା ଶାଖା ନିକଟରେ ପହଂଚିଥିଲା। ଶାଖାର ସଭାପତି ଋଷିନାଥ ବିଶ୍ୱାଳ, ସାଧାରଣ ସମ୍ପାଦକ ରଞ୍ଜିତ ବିଶ୍ୱାଳ, ଉତ୍କଳ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ମହାସଭାର ରାଜ୍ୟ ସଭାପତି ପ୍ରସନ୍ନ ପାଟ୍ଟଶାଣୀ, ପୃଥ୍ୱୀ କ୍ଷତ୍ରିୟ ମହାସଂଘର ସଭାପତି ପ୍ରଫେସର ଡ କିଶୋର ଦେବୀଦନ ପୃଥ୍ୱୀରାଜ ପ୍ରତାପ ସିଂହ, ପ୍ରାକ୍ତନ ବିଧାୟକ ପ୍ରଭାତ ମହାପାତ୍ର, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ହରିହର ରାଉତରାୟ, ଉପେନ୍ଦ୍ର ନାୟକ, ଶଶଧର ପାତ୍ର, ଶ୍ରୀଚରଣ ସାମଲ, ରାଜକିଶୋର ମାନସିଂହ, ସିଲୁ ଦାସଙ୍କ ସମେତ ମହାସଭାର ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ସେହିପରି ହାତୀବାଡି, ଖୋର୍ଦ୍ଧା, ସାକ୍ଷୀଗୋପାଳ, ଯାଜପୁର ଏବଂ ବିଭିନ୍ନ ସ୍ଥାନରୁ ଆସିଥିବା ପାଇକ ଆଖଡ଼ା ଦଳର ସଦସ୍ୟମାନେ ସେମାନଙ୍କ କଳା କୌଶଳ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଖଣ୍ଡାୟତ କ୍ଷତ୍ରିୟ ଭାଇମାନେ ବହୁ ସଂଖ୍ୟାରେ ଯୋଗଦେଇ ସଫଳ କରିବା ସହ ରାତ୍ରି ଭୋଜନରେ ଆପ୍ୟାୟିତ ହୋଇଥିଲେ। ଉଭୟ କାର୍ଯ୍ୟକ୍ରମର ସଫଳତା ପାଇଁ ଇସ୍ପାତ ନଗର କମିଟିର ସାଧାରଣ ସମ୍ପାଦକ ଶ୍ରୀ ପାତ୍ର, ରାଉରକେଲା କମିଟିର ଶ୍ରୀ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରିଥିଲେ।

## କୋଏଲ ନଗର ସି-ବ୍ଲକରେ ଭବ୍ୟ ଡାଣ୍ଡିଆ, ଚିତ୍ରାଙ୍କନ ଓ ନୃତ୍ୟ ପ୍ରତିଯୋଗିତା



ରାଉରକେଲା,୨୨/୧୦(ନି/ପ୍ର): ରାଉରକେଲା ସହରର କୋଏଲ ନଗର ସି-ବ୍ଲକ ପୂଜା ପେଣ୍ଡାଲ ଠାରେ କୋଏଲ ନଗର ସି-ବ୍ଲକ ପୂଜା କମିଟି ଏବଂ ଲେଡି ଲାୟନ - ଦି ହେଲ୍ପିଂ ହ୍ୟାଣ୍ଡ ଅର୍ଗାନାଇଜେସନର ମିଳିତ ଆନୁକୂଲ୍ୟରେ ଦୁଇ ଦିନ ବ୍ୟାପୀ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅତି ଉତ୍ସାହ ଓ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ନବରାତ୍ରୀ ଓ ଦୁର୍ଗା ପୂଜା ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯାହା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଥମ ଦିନ ମହିଳା ଓ ଝିଅମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଭବ୍ୟ ଡାଣ୍ଡିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଡାଣ୍ଡିଆରେ ପ୍ରାୟ ୫୦୦ ରୁ ୬୦୦ ମହିଳା ରଙ୍ଗ ବେରଙ୍ଗ ପୋଷାକ ପିନ୍ଧି ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ମା' ଦୁର୍ଗାଙ୍କ ଭକ୍ତି ସଙ୍ଗୀତର ତାଳେ ତାଳେ ସମସ୍ତେ ନୃତ୍ୟ କରି ପରିବେଶକୁ ଭକ୍ତିମୟ କରିଦେଇଥିଲେ। ଦ୍ୱିତୀୟ ଦିନ ଛୋଟ ଛୋଟ ପିଲାମାନଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶତାଧିକ ପିଲା ଏଥିରେ ଭାଗ ନେଇ ନିଜ କଳା ପ୍ରତିଭା ପ୍ରଦର୍ଶନ କରିଥିଲେ। ଦୁର୍ଗା ପୂଜା, ପରିବେଶ ସୁରକ୍ଷା ଓ ମା' ଦୁର୍ଗାଙ୍କ ବିଭିନ୍ନ ରୂପକୁ ନେଇ ପିଲାମାନେ ସୁନ୍ଦର ଚିତ୍ର ଆଙ୍କିଥିଲେ। ସନ୍ଧ୍ୟା ସମୟରେ ୧୩ ବର୍ଷରୁ କମ ବୟସର ପିଲାମାନଙ୍କ ପାଇଁ ନୃତ୍ୟ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ପିଲାମାନେ ବିଭିନ୍ନ ଭକ୍ତି ଓ ଆଧୁନିକ ଗୀତରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ହୃଦୟ ଜିଣିଥିଲେ। ବିଜେତା ପିଲାମାନଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲେଡି ଲାୟନ ପ୍ରତିଷ୍ଠାତା ତଥା ସଭାପତି ବନ୍ଦିତା ମହାତୋ, ସହ-ପ୍ରତିଷ୍ଠାତା କବିତା ମହାତୋ, ସମ୍ପାଦିକା ତଥା କାର୍ଯ୍ୟକ୍ରମର ସଂଚାଳିକା ସ୍ନେହଲତା ପାତ୍ର, କୋଷାଧ୍ୟକ୍ଷ ଭାରତୀ ତ୍ରିପାଠୀ, ଉପ-ସଭାପତି ଧର୍ମାୟା ବିଷ୍ଟ, ସୁଚିତ୍ରା ଦାର୍ଜୀ, ଛବି ପାତ୍ର, ଚାନ୍ଦନୀ, ଲିପ୍ସା, ସୁଜାତା, ପ୍ରିୟା ଯାଦବ, ମୋନୁ ସିଂହ, ଅନୁପମା ଦାସ, ଫୁଲମଣି ସମାଦ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୋଏଲ ନଗର ସି-ବ୍ଲକ ପୂଜା କମିଟିର ସଭାପତି ଅବନୀକାନ୍ତ ସିଂହ, ସାଧାରଣ ସମ୍ପାଦକ ଶ୍ରୀକାନ୍ତ କୁମାର ରାୟ, ମୁଖ୍ୟ ପରାମର୍ଶଦାତା ପ୍ରଶାନ୍ତ କୁମାର ସାରଙ୍ଗୀ, ଚେତନ କୁମାର ବୁଦ୍ଧଦେବ, ରାଜେଶ ମହାପାତ୍ର, ରାଜେଶ କୁମାର ସିଂହ, ଅଜିତ କୁମାର ସାମଲ, ନୀଳୟ ପାତ୍ର, ରାଜେଶ ସାରଙ୍ଗୀ, ଶ୍ୟାମଲ ଦାସ, ଅକ୍ଷୟ ରାଉତ, ରବୀନ୍ଦ୍ର ନନ୍ଦ, ବିଶ୍ୱନାଥ ନାୟକ, ସୁଭାଷ ଚନ୍ଦ୍ର ଓହଦାର ଏବଂ ହାପି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅତିଥି ଭାବେ ଯୁବ ବ୍ୟବସାୟୀ ରିଙ୍କୀ ବଜାଜ, ସମାଜସେବୀ ବିକାଶ ଚନ୍ଦ୍ର ସାରଙ୍ଗୀ, ଶିଳ୍ପପତି ସୁଚିତ ଅଗ୍ରୱାଲ, ସମାଜସେବୀ ଦୀପକ ଦାସ, ନିରଞ୍ଜନ ଗୁପ୍ତା, ସସ୍ମିତା ପ୍ରଧାନ, ଭୂମି ଶ୍ରେୟା ମହାତୋ, ସନ୍ଦୀପ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ।

## ୮ ନଂ ୱାର୍ଡରେ ଶାନ୍ତି ଓ ଯୋଗ ମଣ୍ଡପ ଉଦ୍‌ଘାଟିତ

ଭୁବନେଶ୍ୱର,୨୨/୧୦(ନି/ପ୍ର): ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୮ ନମ୍ବର ୱାର୍ଡର ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ସ୍ଥିତ ଦୁର୍ଗା ପଡିଆ ଠାରେ ଶାନ୍ତି ମଣ୍ଡପ ଓ ଯୋଗ ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ଯୁବନେତା ମନୋଜ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଯୋଗଦେଇ ଦୁଇଟି ମଣ୍ଡପର ଶୁଭ ଉଦ୍‌ଘାଟନ କରିଥିଲେ।

## ବିଜୟା ଦଶମୀରେ ବଙ୍ଗୀୟ ସମ୍ପ୍ରଦାୟ ପକ୍ଷରୁ ସିନ୍ଦୂର ଖେଳ

ମାଲକାନଗିରି,୨୨/୧୦(ନି/ପ୍ର): ବିଜୟା ଦଶମୀ । ବିଦାୟ ନେବେ ମା' ଦୁର୍ଗା । ମା'ଙ୍କ ବିଦାୟରେ ଭକ୍ତଙ୍କ ମନରେ ଯେତିକି ଭାବବିହ୍ୱଳତା, ସେତିକି ରହିଛି ଆସନ୍ତା ବର୍ଷ ପୁଣି ମା'ଙ୍କ ଆଗମନକୁ ଅପେକ୍ଷା । ଦଶହରାର ଏହି ପବିତ୍ର ଅବସରରେ ବିଭିନ୍ନ ପୂଜା ମଣ୍ଡପରେ ଚାଲିଛି ମା'ଙ୍କ ଦର୍ଶନ ଓ ବିଦାୟ ପର୍ବ । ବିଶେଷକରି ବଙ୍ଗୀୟ ରୀତିନୀତିରେ ପୂଜା ହେଉଥିବା ମଣ୍ଡପଗୁଡ଼ିକରେ ପାଳନ କରାଯାଉଛି ପାରମ୍ପରିକ ସିନ୍ଦୂର ଖେଳ ମାଲକାନଗିରି ଡି ଏନ କେ ଖେଳ ପଡିଆ ଦୁର୍ଗାପୂଜା ମଣ୍ଡପରେ ମଧ୍ୟ ଧୁମ୍ଧାମରେ ସିନ୍ଦୂର ଖେଳ ଅନୁଷ୍ଠିତ ହୋଇଛି। ବଙ୍ଗୀୟ ପରମ୍ପରା ଅନୁଯାୟୀ, ସଧବା ମହିଳାମାନେ ମା' ଦୁର୍ଗାଙ୍କୁ ସିନ୍ଦୂର ଅର୍ପଣ କରିବା ସହ ପରସ୍ପରକୁ ସିନ୍ଦୂର ଲଗାଇ ଏହି ପରମ୍ପରା ପାଳନ କରିଛନ୍ତି । ମା'ଙ୍କୁ ବିଦାୟ ଦେବା ପୂର୍ବରୁ ମହିଳାମାନେ ମା'ଙ୍କ ମଥାରେ ସିନ୍ଦୂର ଲଗାଇ ଆଶୀର୍ବାଦ କାମନା କରିଛନ୍ତି । ବଙ୍ଗୀୟ ପରମ୍ପରାରେ ସିନ୍ଦୂର ଖେଳର ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି । ବିଜୟା ଦଶମୀ ଦିନ ମା'ଙ୍କୁ ସିନ୍ଦୂର ଅର୍ପଣ କରିବା ପରେ ମହିଳାମାନେ ପରସ୍ପରକୁ ସିନ୍ଦୂର ଲଗାଇ ସୁଖ, ସମୃଦ୍ଧି ଓ ମଙ୍ଗଳ କାମନା କରିଥାନ୍ତି । ଏହି ପରମ୍ପରା ମହିଳାଙ୍କ ମଧ୍ୟରେ ସ୍ନେହ, ସୌହାର୍ଦ୍ଦ୍ୟ ଓ ଏକତାର ବାର୍ତ୍ତା ଦେଇଥାଏ ।

## ବଡ଼ାମୁଣ୍ଡାରେ ରାବଣ ଦହନ କାର୍ଯ୍ୟକ୍ରମ :



ରାଉରକେଲା,୨୨/୧୦(ନି/ପ୍ର):ଜୟ ହିନ୍ଦ କ୍ଲବ, ବଡ଼ାମୁଣ୍ଡା ପକ୍ଷରୁ ରାବଣ ଦହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କଂଗ୍ରେସର ବରିଷ୍ଠ ନେତା ରବି ରାୟ ଏବଂ ଅତିଥି ଭାବେ ରଞ୍ଜିତ ନାୟକ, ସୁମନ ସିଂହଙ୍କ ସମେତ ଏମ୍.କେ. ସୋନା, ଡାଇମନି, ନାଗେଶ ଜଗଦଲା, ରାଜା ଚୌଧୁରୀ, ବିଜୟ ସିଂହ, ସଞ୍ଜିତ ପ୍ରଧାନ, ରାମବାବୁ ଶୁକ୍ଲା ଓ ପିଙ୍ଟୁ ଅଗ୍ରୱାଲ୍ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରବି ରାୟ କହିଥିଲେ ଯେ, ଅସତ୍ୟ ଉପରେ ସତ୍ୟର ବିଜୟ, ଅନ୍ୟାୟ ଉପରେ ନ୍ୟାୟର ବିଜୟ, ଅଧର୍ମ ଉପରେ ଧର୍ମର ବିଜୟ ଏବଂ ପାପ ଉପରେ ପୁଣ୍ୟର ବିଜୟର ପ୍ରତୀକ ଭାବେ ବିଜୟଦଶମୀ ଉତ୍ସବ କାର୍ଯ୍ୟକ୍ରମ ପାଳନ କରାଯାଉଛି। ରାବଣ ଦହନ ଏବଂ ଆତିସବାଜି କାର୍ଯ୍ୟକ୍ରମ ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଲୋକେ ପହଂଚି ଥିଲେ।

## ବୀରମିତ୍ରପୁର ବିଧାୟକଙ୍କ ଜନ ସମ୍ପର୍କ ପଦଯାତ୍ରା

ନୂଆଗାଁ,୨୨/୧୦(ନି/ପ୍ର):ଆଜି ନୂଆଗାଁ ବ୍ଲକ ଅନ୍ତର୍ଗତ ତେତାରକେଲା ,ବାଗଦେଗା ଏବଂ ବାରିଲେପଟା ପଂଚାୟତରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ବାଇକ ରାଲି ମାଧ୍ୟମରେ ଗାଁ ଗାଁ ବୁଲି ବୀରମିତ୍ରପୁର ବିଧାୟକ ଶ୍ରୀ ରୋହିତ ଯୋସେଫ ତୀର୍କି ଲୋକଙ୍କ ସୁଖ ଦୁଃଖ ବୁଝିଛନ୍ତି। ମା' ମାନଙ୍କ ସହ ନାଚ, ଘରେ ଘରେ ବସି ଚା' ପିଇବା ଏବଂ ମହିଳାଙ୍କ ଅଭିଯୋଗ ଶୁଣିବା - ଏହା ହିଁ ପ୍ରକୃତ ଜନ ସେବା। ଏହି କାର୍ଯ୍ୟକ୍ରମରେ ବିଧାୟକ ଙ୍କ ସହ ବ୍ଲକ ସଭାପତି ପ୍ରକାଶ ସାହୁ, ନିମୟ ଆଚାର୍ଯ୍ୟ, ଯୁବ ନେତା ପ୍ରଦୀପ ସାହୁ, ମୋକିମ ଆନସାରୀ, ବାନ୍ତି ଆନସାରୀ, ବିନୋଦ ସାହୁ, ବ୍ରଜ କିଶୋରେ ସିଂ, ବିର୍ସା ଓରାମ, ରମେଶ ମହାଳି, ବିଜୟ ବାରିକ, ଝଞ୍ଜ ମରକ୍ଷକ ର ରାଜ୍ୟ ସାଧାରଣ ସମ୍ପାଦକ ଶଙ୍କର ତୀର୍କି, ଛାତ୍ର ନେତା ରିତେଶ କେଶରି ସାମିଲ ହୋଇ ଥିଲେ।



## ଆରଏସପିରେ ନୂତନ ଓ.ଏଚ୍.ଏସ୍.ଡ଼ବ୍ଲ୍ୟୁ.ସି. କୋଡ୍ ଉପରେ ଆଲୋଚନାଚକ୍ର ଆୟୋଜିତ



ରାଉରକେଲା,୨୨/୧୦(ନି/ପ୍ର): , ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି)ର ସମାଗମ ସମ୍ମିଳନୀ କକ୍ଷରେ ଅକ୍ଟୋବର ୧୫ ତାରିଖରେ ନୂତନ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟକ୍ଷେତ୍ର ପରିସ୍ଥିତି (ଓ.ଏଚ୍.ଏସ୍.ଡବ୍ଲ୍ୟୁ.ସି) କୋଡ୍ ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୬୦ ରୁ ଅଧିକ ବିଭାଗୀୟ ଓ ଆଂଚଳିକ ସୁରକ୍ଷା ଅଧିକାରୀ ଏବଂ ଏଚ୍.ଆର. ଅଧିକାରୀ ଯୋଗ ଦେଇଥିଲେ। ବିଶେଷ ଭାବରେ, ଏହି କୋଡ୍ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟକ୍ଷେତ୍ର ପରିସ୍ଥିତି ସମ୍ବନ୍ଧୀୟ ନିୟମଗୁଡ଼ିକୁ ଏକତ୍ରିତ ଓ ସରଳୀକୃତ କରୁଛି , ଯେଉଁଥିରେ ସୁରକ୍ଷିତ ଏବଂ ସୁସ୍ଥ କାର୍ଯ୍ୟସ୍ଥଳ ବଜାୟ ରଖିବା ନିୟୋଜକଙ୍କ ଦାୟିତ୍ୱ ଭାବରେ ଏକ ମୁଖ୍ୟ ପ୍ରାବଧାନ ଅନ୍ତର୍ଗତ ରହିଛି। ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର ବିଭାଗର ସହକାରୀ ନିର୍ଦ୍ଦେଶକ ଶ୍ରୀ ଏସ.ଏସ. ରାଉତ ମୁଖ୍ୟ ବକ୍ତା ଭାବରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ଥିଲେ । ମଂଚରେ ମୁଖ୍ୟ ମହାପ୍ରବନ୍ଧକ (ସୁରକ୍ଷା ଓ ଅଗ୍ନିଶମ ସେବା) ଶ୍ରୀ ହୀରାଲାଲ ମହାପାତ୍ର, ମହାପ୍ରବନ୍ଧକ (ସୁରକ୍ଷା ଇଞ୍ଜିନିୟରିଂ) ଶ୍ରୀ ଅବକାଶ ବେହେରା ମଧ୍ୟ ଉପସ୍ଥିତ ଥିଲେ। ଏହି ଆଲୋଚନାଚକ୍ର ଜ୍ଞାନ ଆଦାନପ୍ରଦାନ ଏବଂ ଆଲୋଚନା ପାଇଁ ଏକ ମୂଲ୍ୟବାନ ମଂଚ ପ୍ରଦାନ କରିଥିଲା, ଯାହା ଅଂଶଗ୍ରହଣକାରୀମାନଙ୍କୁ ନୂତନ ଓ.ଏଚ୍.ଏସ୍.ଡବ୍ଲ୍ୟୁ.ସି. କୋଡ୍‌ଆଇନଗତ ଢାଂଚା ଏବଂ ଶିଳ୍ପ ସୁରକ୍ଷା ପରିଚାଳନା ଉପରେ ଏହାର ପ୍ରଭାବ ବିଷୟରେ ସେମାନଙ୍କର ଧାରଣାକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଥିଲା। ମୁଖ୍ୟ ବକ୍ତବ୍ୟ ପ୍ରଦାନ କରି ଶ୍ରୀ ରାଉତ ନୂତନ ଓ.ଏଚ୍.ଏସ୍.ଡବ୍ଲ୍ୟୁ.ସି. କୋଡ୍ ?ର ମୁଖ୍ୟ ପ୍ରାବଧାନଗୁଡ଼ିକ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ସେ ବୃତ୍ତିଗତ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ସୁଦୃଢ଼ କରିବା, କାର୍ଯ୍ୟକ୍ଷେତ୍ର ପରିସ୍ଥିତିରେ ସୁଧାର ଆଣିବା ଏବଂ ଶିଳ୍ପ ସଂସ୍ଥାଗୁଡ଼ିକରେ ଆଇନଗତ ଅନୁପାଳନକୁ ବୃଦ୍ଧି କରିବାରେ ଏହି କୋଡ୍‌ର ଗୁରୁତ୍ୱ ବିଷୟରେ ବୁଝାଇଥିଲେ। ନିଜ ଅଭିଭାଷଣରେ ଶ୍ରୀ ହୀରାଲାଲ ମହାପାତ୍ର ସୁରକ୍ଷା ଆବଶ୍ୟକତାଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟକାରିତା ପାଇଁ ସୁରକ୍ଷା ଅଧିକାରୀ ଏବଂ ଏଚ୍.ଆର ଅଧିକାରୀ ଙ୍କ ମଧ୍ୟରେ ନିବିଡ଼ ସମନ୍ୱୟ ଉପରେ ଗୁରୁତ୍ୱ ଆରୋପ କରିଥିଲେ, ଯେତେବେଳେ କି ଶ୍ରୀ ଅବକାଶ ବେହେରା କାରଖାନା ସାରା ସୁରକ୍ଷା ଅଭ୍ୟାସ, ଆଇନଗତ ଅନୁପାଳନ ଏବଂ ଏକ ସକ୍ରିୟ ସୁରକ୍ଷା ସଂସ୍କୃତିକୁ ସୁଦୃଢ଼ କରିବା ଉପରେ ଜୋର ଦେଇଥିଲେ। ପ୍ରାରମ୍ଭରେ, ଶ୍ରୀ ଅବକାଶ ବେହେରା ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସହକାରୀ ମହାପ୍ରବନ୍ଧକ (ଏସ.ଇ.ଡି) ଶ୍ରୀ ବି. କେ. ପାଢ଼ୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ, ଏବଂ ବରିଷ୍ଠ ପ୍ରବନ୍ଧକ (ଏସ.ଇ.ଡି) ଶ୍ରୀ ଏସ. ଆର. ବିଶ୍ୱାଳ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର.ଏସ.ପି ଦ୍ୱାରା ଅବସର ନେଉଥିବା କର୍ମଚାରୀଙ୍କ ପାଇଁ ରୋଶ୍ନୀ କାର୍ଯ୍ୟକ୍ରମ




ରାଉରକେଲା,୨୨/୧୦(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି) ପକ୍ଷରୁ ଅକ୍ଟୋବର ୧୬ ତାରିଖ ରେ ସେଟ୍ରାଂଲ ପାୱାର ଟ୍ରେନିଂ ଇନଷ୍ଟିଚ୍ୟୁଟ୍ (ସି.ପି.ଟି.ଆଇ) ର ଅଡିଟୋରିୟମ୍ ହଲ୍‌ରେ ଅବସର ନେଉଥିବା କର୍ମଚାରୀମାନଙ୍କ ପାଇଁ ରୋଶ୍‌ନୀ - ବିଗିନିଂ ଅଫ୍ ଏ ନ୍ୟୁ ହୋରାଇଜନ୍ (ଏକ ନୂତନ ଦିଗନ୍ତର ଆରମ୍ଭ) କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୋଟ ୫୨ ଜଣ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟ ମହାପ୍ରବନ୍ଧକ (ପାୱାର) ଶ୍ରୀ ବି. ଏସ. କାର୍ଥା ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ମହାପ୍ରବନ୍ଧକ ପ୍ରଭାରୀ (ଏଚ୍.ଆର) ଶ୍ରୀ ଏସ. କେ. ମେହରୋତ୍ରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅବସର ପରବର୍ତ୍ତୀ ଜୀବନର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ସମ୍ପର୍କରେ ଅବସର ନେଉଥିବା କର୍ମଚାରୀମାନଙ୍କୁ ଅବଗତ କରାଇବା ଏବଂ ଜୀବନର ଏକ ନୂତନ ପର୍ଯ୍ୟାୟକୁ ସହଜରେ ଆପଣେଇବା ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବା ଏହି ପଦକ୍ଷେପର ଲକ୍ଷ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ସୂଚନା ପ୍ରଯୁକ୍ତିର ସୁରକ୍ଷିତ ବ୍ୟବହାର, ଅବସର ପରବର୍ତ୍ତୀ ଜୀବନ ପାଇଁ ମାନସିକ ପ୍ରସ୍ତୁତି, ଆର୍ଥିକ ସୁରକ୍ଷା ଯୋଜନା, ଏବଂ ଚୂଡ଼ାନ୍ତ ହିସାବ କିତାବ ଓ କ୍ୱାର୍ଟର ଖାଲି କରିବା କିମ୍ବା ରଖିବା ପ୍ରକ୍ରିୟା ଉପରେ ଆଲୋଚନାଚକ୍ର ସାମିଲ ଥିଲା। ଅଂଶଗ୍ରହଣକାରୀମାନଙ୍କୁ ସେଲ୍ ମେଡିକ୍ଲେମ୍ ସ୍କିମ୍ ଏବଂ ନ୍ୟାସନାଲ ପେନସନ୍ ସିଷ୍ଟମ୍ ବିଷୟରେ ମଧ୍ୟ ବିସ୍ତୃତ ଭାବରେ ବୁଝାଯାଇଥିଲା। ଶରୀର ଏବଂ ମନକୁ ବୁଝିବା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରି ଉନ୍ନମ ସ୍ୱାସ୍ଥ୍ୟ ଓ ସୁସ୍ଥତା ସୁନିଶ୍ଚିତ କରିବା ପାଇଁ ଏକ ସ୍ୱତନ୍ତ୍ର ଅଧିବେଶନ ମଧ୍ୟ ଏହି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଅନୁଷ୍ଠିତ ହୋଇଥିଲା। ଅବସର ପରେ ଆର୍ଥିକ ଯୋଜନା, ସ୍ୱାସ୍ଥ୍ୟସେବା, ପ୍ରଶାସନିକ ନିୟମକାନୁନ୍ ଏବଂ ବ୍ୟକ୍ତିଗତ ସୁସ୍ଥତା ବିଷୟରେ କର୍ମଚାରୀମାନଙ୍କୁ ଉପଯୋଗୀ ସୂଚନା ପ୍ରଦାନ କରିବା ପାଇଁ ଏହି ଅଧିବେଶନଗୁଡ଼ିକ ପ୍ରସ୍ତୁତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ପ୍ରମୁଖ ଆଲୋଚନାଗୁଡ଼ିକୁ ଏକତ୍ରିତ କରିବା ସହ ଏକ ଉଦ୍‌ଯାପନୀ ଅଧିବେଶନ ସହିତ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ରୋଶ୍‌ନୀ ମାଧ୍ୟମରେ, ଆର.ଏସ.ପି କର୍ମଚାରୀମାନଙ୍କୁ ସେମାନଙ୍କ ଅବସର ପାଇଁ ପ୍ରସ୍ତୁତ କରିବା ଏବଂ ଅଧିକ ସଚେତନତା ଓ ଆତ୍ମବିଶ୍ୱାସ ସହିତ ଜୀବନର ଏକ ନୂତନ ଅଧ୍ୟାୟ ଆରମ୍ଭ କରିବାରେ ସାହାଯ୍ୟ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃ ପ୍ରକାଶ କରିଛି।